# ଆଳାପ କିଛି ସମୟର



**ମଣିଷର ପିଲାଦିନ ଭଲ ହେଉ କି ଖରାପ ହେଉ ତାହା ଅନେକ ଭାବରେ ସ୍ମରଣୀୟ ହେଇଥାଏ। ସେହିଭଳି ଦେଖିଲେ ଆପଣଙ୍କର ପିଲାଦିନ କିଭଳି ସ୍ମରଣୀୟ ଥିଲା ? କିଭଳି ଭାବେ ସାହିତ୍ୟର ଛାପ ପଡ଼ିଥିଲା ଆପଣଙ୍କ ଉପରେ ? ପିଲାଦିନେ କେହି କେବେ ଭାବିଥିଲେ କି ଏଇ ପିଲା, ଦିନେ ଆଜିର ମନୋଜ ଦାସ ହେଇ ବାହାରିବେ ?**

- ଭାରି ସୁନ୍ଦର ପ୍ରଶ୍ନ। ପିଲାବେଳ କଥା ସ୍ମରଣ କରେଇ ଦେଲ। ଏକଥା ମୁଁ ଅନେକ ସମୟରେ ଲେଖିଛି ମଧ୍ୟ। ମୋର ଯୋଉ ବାଲ୍ୟାବସ୍ଥା ତାହା ଅତ୍ୟନ୍ତ ବିଭବଶାଳୀ। ପ୍ରକୃତିର ଐଶ୍ୱର୍ଯ୍ୟ ଦୃଷ୍ଟିରୁ ଅତ୍ୟନ୍ତ ମନୋରମ ଏକ ଅଞ୍ଚଳ, ସେଇଠି ମୋର ଜନ୍ମ। ସମୁଦ୍ର ଏବଂ ଦିଗନ୍ତ ବିସ୍ତାରୀ ସବୁଜ ପ୍ରାନ୍ତର, ଦୁଇଟି ହ୍ରଦ- ଗୋଟିକରେ ଲାଲ ପଦ୍ମ ଫୁଟେ, ଅନ୍ୟଟିରେ ଧଳା ପଦ୍ମ। ଆମର ଘର ଚମତ୍କାର ଗୋଟେ ଏକଣା ଜାଗାରେ, ଗାଁ ବାହାରେ ଏବଂ ତା' ଚାରିପଟେ ବିରାଟ ଫଳ ଆଉ ପୁଷ୍ପର ଉଦ୍ୟାନ। ସେ ମୋର ପ୍ରଥମ ଶୈଶବର ବାସ୍ତବତା। କିନ୍ତୁ ବିଧିର ବିଧାନରେ ମୋର ସେଇ ବିଚିତ୍ର ସୁନ୍ଦର ଅଭିଜ୍ଞତା ଏକ ପ୍ରଚଣ୍ଡ ଧକ୍କା ପାଇଲା ଯେତେବେଳେ ମୋତେ ମାତ୍ର ଛଅବର୍ଷ ବୟସରେ ଏକ ଭୟଙ୍କର ପ୍ରଭଞ୍ଜନ ସେ ଅଞ୍ଚଳକୁ ଧ୍ୱସ୍ତ ବିଧ୍ୱସ୍ତ କରିଦେଲା। ତା' ପରେପରେ ଦୁର୍ଭିକ୍ଷ ଆସିଲା। ଲୋକମାନଙ୍କର କଷ୍ଟ, ଦୁଃଖ, ମୃତ୍ୟୁ, ଏସବୁ ଆଖି ଆଗରେ ଦେଖୁଥାଏ। ସେ ସବୁ ବିସ୍ତୃତ ଭାବରେ ବର୍ଣ୍ଣନା କରିଛି ମୋର 'ସମୁଦ୍ର କୂଳରେ ଏକ ଗ୍ରାମ' ବୋଲି ଯୋଉ ଶୈଶବର ସ୍ମୃତିଶ୍ରୁତି ଗ୍ରନ୍ଥ- ସେଇଥିରେ। ଏବଂ ତାହା ପରେ ପରେ ଆମ ଘର ଦୁଇ ଦୁଇ ଥର ଡକାୟତମାନଙ୍କର ଶରବ୍ୟ ହେଲା। ଏସବୁ ପରସ୍ପର ବିରୋଧୀ ଅଭିଜ୍ଞତା। ଲୋକମାନଙ୍କର ସରଳତା, ଲୋକମାନଙ୍କର ମହାନତା, ମୋର ପଲ୍ଲୀ ଅଞ୍ଚଳର ଲୋକମାନଙ୍କ ଭିତରେ ଥାଏ ଗଭୀର ଆତ୍ମୀୟତା। ଚମତ୍କାର ସ୍ୱଭାବର ମଣିଷମାନେ ସବୁ ଏବଂ ତା' ସଙ୍ଗେ ସଙ୍ଗେ ଏଭଳି ଦୁର୍ବିପାକ; ଏଇ ପରସ୍ପର ବିରୋଧୀ ଅଭିଜ୍ଞତା ନିଶ୍ଚୟ ମୋର ବୋଧଶକ୍ତିକୁ କିଛିତ ଅବଦାନ ଦେଇଥିବ।

ଆଉ ମୋର ସାହିତ୍ୟ ସଂପର୍କରେ ଯାହା ପଚାରୁଛନ୍ତି, ନିଶ୍ଚିତ ଭାବରେ ଜଣେ ବ୍ୟକ୍ତି କେବଳ ଆଶା କରିଥିଲା ଯେ ମୁଁ ସାହିତ୍ୟିକ ହେବି ଏବଂ ସେ ବ୍ୟକ୍ତିଟି ମୋର ମା' କାଦମ୍ବିନୀ ଦେବୀ! ଆପଣଙ୍କ ପତ୍ରିକାର ନାମ 'କାଦମ୍ବିନୀ'। ସେଇପାଇଁ ଭାରି ଭଲ ଲାଗେ ପତ୍ରିକାର ନାମଟି।

ପିଲାବେଳରୁ ସେ ମୋତେ ରାମାୟଣ, ମହାଭାରତ ନିଶ୍ଚୟ ପଢ଼ିକି ଶୁଣାଉଥିଲେ ଏବଂ ଯେତେବେଳେ ଅକ୍ଷର ଶିକ୍ଷା ମୋର ମୋଟାମୋଟି ହେଇଗଲା, ପଢ଼ିଲା ଭଳି ଅବସ୍ଥାକୁ ମୁଁ ଆସିଗଲି, ସେତେବେଳେ ତାଙ୍କ ପାଖରେ ସଞ୍ଚିତ ଥିବା ରାଧାନାଥ ଗ୍ରନ୍ଥାବଳୀ ଏବଂ ଫକୀରମୋହନ ସେନାପତିଙ୍କ ସମସ୍ତ କୃତିକୁ ପଢ଼ି ମୁଁ ସାହିତ୍ୟର ସାମ୍ରାଜ୍ୟ ଭିତରେ ପ୍ରଥମ ପଦକ୍ଷେପ ନେଇଥିଲି।

**ଏଇଭଳି ଭାବରେ ଆପଣ ସାହିତ୍ୟ ସାମ୍ରାଜ୍ୟକୁ ପଶିଆସିଲେ। ଆପଣ ପିଲାଦିନରୁ ବହୁତ ଲେଖାଲେଖି କରୁଥିଲେ, ଏଇଟା ଆମେ ବି**

**ଜାଣିଛୁ । କଲେଜ ଜୀବନରେ ବି ଆପଣ ବହୁତ କିଛି ଲେଖାଲେଖି କରୁଥିଲେ !**

– ପ୍ରକୃତରେ ଲେଖି ଶିଖିବା ପୂର୍ବରୁ ମୋର ମନେମନେ ସ୍ମୃତିରେ ମୁଁ ରଚନା କରୁଥିଲି । ଏବଂ ପରେ ପରେ, ବହୁ ପରେ ସେସବୁ କାଗଜରେ ଲେଖିଲି । ଯାହା ହେଉ... ।

**ଆପଣ ଖୁବ୍ ପିଲାଦିନରୁ ଲେଖୁଛନ୍ତି । ମୋର ଯାହା ମନେପଡୁଛି ବୋଧହୁଏ ଅଷ୍ଟମ ନବମ ଶ୍ରେଣୀରୁ ?**

– ହଁ ସେସବୁ... ପ୍ରକାଶ ପାଉଥିଲା । ପତ୍ରପତ୍ରିକାରେ ଲେଖାଲେଖି ପ୍ରକାଶ ପାଉଥିଲା ।

**ସେତେବେଳେ ଏମିତି କିଛି ଅନୁଭୂତି ଥିଲା, ଯୋଉ ଅନୁଭୂତି ସାହିତ୍ୟ ରଚନାରେ ଇଣକର ଥାଏ ।**

– ନା, ମୋର ସେମିତି ଗୋଟେ ସ୍ୱତନ୍ତ୍ର ଅନୁଭୂତି କିଛି ହୋଇନାହିଁ । କାରଣ ଲେଖାଲେଖି ଥିଲା ମୋ ପାଇଁ ଏକ ସ୍ୱତଃସ୍ଫୂର୍ତ୍ତ କର୍ମ । ଏକ ସହଜାତ ପ୍ରବୃତ୍ତିରୁ ଯେମିତି ସେଗୁଡ଼ିକ ଜାତ ହୋଇଛି । ସେଇଟା କିଛି ମୋର ସ୍ୱାତନ୍ତ୍ର୍ୟର ପରିଚୟ ଦେଉଛି, ସେଇ ଭାବନା ମୋ ଭିତରକୁ କେତେବେଳେ ବି ଆସି ନ ଥିଲା । ସ୍ୱାଭାବିକ ଭାବରେ ଲେଖୁଥିଲି । ଯେମିତି କଥା କହୁଛି, ଗୀତ ବୋଲୁଛି, ହୁଇସିଲ୍ ମାରୁଛି, ବୁଲୁଛି, ଦୌଡୁଛି, ଲେଖିବାଟା ସେମିତି ମୋ ପାଇଁ ସ୍ୱାଭାବିକ ଥିଲା ।

**ଓଡ଼ିଶା ଥିଲା ଆପଣଙ୍କର ସାହିତ୍ୟ କର୍ମଭୂମି । ତେବେ ହଠାତ୍ ପଣ୍ଡିଚେରୀ କାହିଁକି ଆପଣଙ୍କର କର୍ମଭୂମି ହୋଇଗଲା ?**

– ହଠାତ୍ କିଛି ହୁଏନି ଜୀବନରେ । ସବୁ ପଛରେ ଗୋଟେ ପଛଭୂମି ଥାଏ । ଗୋଟେ ବିକାଶ ଥାଏ । ଚେତନାର ଉତ୍ତରଣ ଥାଏ । ଏହାକୁ କ୍ରମାଗତ ବା ଧାରାବାହିକ ବୋଲି କୁହାଯାଇପାରେ । ଓଡ଼ିଶା ମୋର ଜନ୍ମମାଟି । ସେହି ଜନ୍ମମାଟିରେ ଥାଇ ମୋ ଭିତରେ ଗୋଟେ ଅନ୍ୱେଷାର ବିକାଶ ଘଟିଥିଲା, ଜୀବନର ଲକ୍ଷ୍ୟ ସଂପର୍କରେ, ଜନ୍ମ, ମୃତ୍ୟୁ ରହସ୍ୟ ସଂପର୍କରେ । ମଣିଷ ଯେମିତି ଅପୂର୍ଣ୍ଣ ଜୀବ ହୋଇ ରହିଛି, ସେଇ ଅପୂର୍ଣ୍ଣତାର ପ୍ରହେଳିକା ସଂପର୍କରେ ଅନେକ ପ୍ରଶ୍ନ ମନରେ ଥିଲା । ସେଇ ପ୍ରଶ୍ନର ଉତ୍ତର ଖୋଜିବାକୁ ଯାଇ ଏକଦା ମୁଁ ସାମ୍ୟବାଦୀ ଦର୍ଶନକୁ ଆଦରି ନେଇଥିଲି । ଭାବୁଥିଲି ସାମ୍ୟବାଦୀ ଦର୍ଶନ ପୃଥିବୀରେ ମଣିଷର ଶୋକଦୁଃଖ ଦୂର କରିବା ଦିଗରେ ଏକମାତ୍ର ପନ୍ଥା । ଯେତେବେଳେ ଚେତନା ଆଉ ଟିକେ ବିକଶିତ ହେଲା, ବୁଝିଲି ଯେ ମଣିଷର ସୁଖଦୁଃଖ ବସ୍ତୁ ଜଗତର କାରଣ ଉପରେ ଅନେକଟା ନିର୍ଭରଶୀଳ, କିନ୍ତୁ ପୂରାପୂରି ନୁହେଁ । ଅନେକ ସମୟରେ ସବୁ ଥାଇ ମଧ୍ୟ ମଣିଷ ଦୁଃଖୀ ହୋଇପାରେ । ଅନେକ ସମୟରେ ସମସ୍ତ ସୁଖର, ଐଶ୍ୱର୍ଯ୍ୟର କୌଣସି ଅଭାବ ନ ଥାଇ ବି ଜଣେ ନିଜ ଚେତନା ଭିତରେ ନିର୍ଯାତିତ ଅନୁଭବ କରିପାରେ । ତେଣୁ ଦୁଃଖର ରହସ୍ୟ ଅନ୍ୟ କୋଉଠି ନିହିତ ରହିଛି ବୋଲି ମୋର ଧାରଣା ହେଲା ଏବଂ ସେଇ ରହସ୍ୟର ସନ୍ଧାନରେ ମୁଁ ଅନେକ ଦର୍ଶନ ପଢ଼ିଲି, ଅନେକ ଧର୍ମଶାସ୍ତ୍ର ଅଧ୍ୟୟନ କଲି । କିନ୍ତୁ କୌଣସିଥିରେ ମୋ ମନ ମାନିଲା ନାହିଁ । ସବୁକିଛି ଅପୂର୍ଣ୍ଣ ଲାଗୁଥାଏ ମୋତେ ।

ଘଟଣାଚକ୍ରରେ ଯେତେବେଳେ ମୁଁ ଶ୍ରୀଅରବିନ୍ଦଙ୍କ ଦର୍ଶନ ପଢ଼ିଲି, ସେଇଠି ପ୍ରଥମଥର ପାଇଁ ବୁଝିଲି ଯେ ଏପର୍ଯ୍ୟନ୍ତ ମଣିଷର ଯେଉଁ ବିକାଶ ହୋଇଛି, ସେଇଟି ବିବର୍ତ୍ତନର ଶେଷ କଥା ନୁହେଁ । ମଣିଷର ଆହୁରି ଏକ ଭବିଷ୍ୟତ ରହିଛି । ଜନ୍ମଜନ୍ମ ଧରି ଆମେ ଆମର ଯୋଉ ଅଭିଜ୍ଞତାକୁ ମାଧ୍ୟମ କରି ଚାଲିଛୁ, ସେଇ ଅଭିଜ୍ଞତା ମୃତ୍ୟୁ ସହିତ ଶେଷ ହୋଇ ଯାଉ ନାହିଁ । ସେ ଅଭିଜ୍ଞତାକୁ ସଞ୍ଚୟ କରି ପୁନର୍ଜନ୍ମରେ ପୁନର୍ବାର ଆହୁରି କିଛି ପ୍ରଗତି ହେଉଛି । ଏବଂ ଏଇ ପ୍ରଗତିର ଏକ ସୀମା ରହିଛି, ଯୋଉଠି ଦୁଃଖ, ବିଘ୍ନବିହୀନ ଆନନ୍ଦ, ଯୋଉଠି ସମସ୍ୟାବିହୀନ ଜୀବନର ସ୍ୱପ୍ନ ଦେଖାଯାଇପାରେ । ଏଇ ଯୋଉ ଭବିଷ୍ୟତ ଦୃଷ୍ଟି, ଏଇ ଯୋଉ ଏକ ବିରାଟ ଆଶାଜନକ ଦିବ୍ୟଦୃଷ୍ଟି ତାହା ମୋତେ ଖୁବ୍ ଅନୁପ୍ରାଣିତ କଲା ଏବଂ ସେଥିପାଇଁ ମୁଁ କୌତୂହଳୀ ହୋଇ ପଡ଼ିଲି । ଯେତେବେଳେ କୌତୂହଳୀ ହୋଇ ଆଶ୍ରମ ଆସିଥିଲି ସେତେବେଳେ ଆଶ୍ରମରେ ଶାରୀରିକ ଭାବରେ ଶ୍ରୀମା ଉପସ୍ଥିତ ଥିଲେ । ତାଙ୍କ ଦର୍ଶନ ମୋତେ ଏଠି ରହିବା ପାଇଁ ପ୍ରରୋଚିତ କଲା ଏବଂ ଏଠିକାର ବ୍ୟବସ୍ଥା ମୋତେ ଭଲ ଲାଗିଥିଲା । ସବୁଠୁ ବଡ଼କଥା, ସେଥିରେ କୌଣସି କ୍ଷତି ହେବା ତ ଦୂରର କଥା ମୋର ନିଜର ବହୁତ ମଙ୍ଗଳ ସାଧନ ହୋଇଛି ।


ପ୍ରଫେସର ମନୋଜ ଦାସଙ୍କ ସହ ଆଳାପରତ 'କାଦମ୍ବିନୀ' ସମ୍ପାଦିକା ଇତି ସାମନ୍ତ

**ପଣ୍ଡିଚେରୀକୁ ଆସିବା ପରେ ଆପଣଙ୍କ ସାହିତ୍ୟ ଦୃଷ୍ଟିରେ ଶ୍ରୀଅରବିନ୍ଦଙ୍କର ଦର୍ଶନତତ୍ତ୍ୱ ଓ ଶ୍ରୀମାଙ୍କର ଦର୍ଶନତତ୍ତ୍ୱ କେତେ ପରିମାଣରେ ପରିଲକ୍ଷିତ ହୁଏ ବୋଲି ଆପଣ ଭାବନ୍ତି ?**

– ଖୁବ୍ ନୁହେଁ। କାରଣ ଆଧ୍ୟାତ୍ମିକ ଅନୁସନ୍ଧିତ୍ସା ମୋର ଏକାନ୍ତ ବ୍ୟକ୍ତିଗତ ବ୍ୟାପାର। ଜୀବନର ଗୋଟେ ନିର୍ଦ୍ଦିଷ୍ଟ ସ୍ତରରେ ସେଇଟା ଆରମ୍ଭ ହେଲା। କିନ୍ତୁ ସାହିତ୍ୟ ରଚନା ମୋର ଆବାଲ୍ୟ ଅଭ୍ୟାସ। ତେବେ ଶ୍ରୀଅରବିନ୍ଦଙ୍କ ଦିଗ୍‌ଦର୍ଶନ ମୋର ସାହିତ୍ୟ ରଚନାକୁ ଅନେକ ଶକ୍ତି ପ୍ରଦାନ କରିଛି। ଶ୍ରୀଅରବିନ୍ଦ ଆଶ୍ରମରେ ଯୋଗଦାନ କରିବା ପରେ ମୁଁ ଯାହା କିଛି ସାହିତ୍ୟ ଲେଖିଛି; ମୋର ଗଳ୍ପ, କବିତା, କାହାଣୀ, ଉପନ୍ୟାସ, ସେସବୁରେ ଏକ ମହତ୍ତର ପ୍ରେରଣା ରହିଛି ଏବଂ ସମସ୍ତ ମହତ୍ତର ପ୍ରେରଣା ପଛରେ ଗୋଟେ ଦିବ୍ୟଶକ୍ତି କାମ କରୁଥାଏ ବୋଲି ମୋର ବିଶ୍ୱାସ। ମା',



ବୟସର ବିଭିନ୍ନ ସୋପାନରେ ମନୋଜ ଦାସ

ଶ୍ରୀଅରବିନ୍ଦ ସେଇ ଦିବ୍ୟଶକ୍ତିର ଉତ୍ସ, ଆଧାର ମଧ୍ୟ, ବିତରକ ମଧ୍ୟ। ତେଣୁ ସେଇଭଳି ଦୃଷ୍ଟିକୋଣରୁ କୁହାଯାଇପାରେ ସେ ପ୍ରଭାବ ଅବଶ୍ୟ ବିଦ୍ୟମାନ। ନ ହେଲେ ସଚେତନ ଭାବରେ ମୁଁ କୌଣସି ପ୍ରକାରେ ସେମାନଙ୍କ ଦର୍ଶନକୁ ମୋର କଥା ସାହିତ୍ୟ ଭିତରକୁ କିମ୍ବା କବିତା ଭିତରକୁ ଆଣିବାକୁ ଚେଷ୍ଟା କରିନାହିଁ। ଯଦିଓ ପ୍ରବନ୍ଧରେ ସେଇଟା ଅଲଗା କଥା। ଧରାଯାଉ ଗୋଟେ ସମସ୍ୟା। ମୁଁ ଶ୍ରୀଅରବିନ୍ଦଙ୍କ ଆଲୋକରେ ତା'ର ସଂଜ୍ଞା ନିରୂପଣ କରିବାକୁ ଚେଷ୍ଟା କରିଛି। ତା'ର ବିଶ୍ଳେଷଣ କରିବାକୁ ଚେଷ୍ଟା କରିଛି। ସେ ସବୁ କଥା ପ୍ରବନ୍ଧରେ ସମ୍ଭବପର ହୋଇଛି। କିନ୍ତୁ ମୋର ଯୋଉଟା ସୃଜନାତ୍ମକ ଲେଖା ସେଥିରେ ସଚେତନ ଭାବରେ ମୁଁ କୌଣସି ପ୍ରଭାବ ଟାଣି ଆଣିନାହିଁ।

**ସମୟ ଓ ପରିସ୍ଥିତିକୁ ଅନୁଧ୍ୟାନ କଲେ ଆପଣ ନିଜ ଭିତରେ ନିଜ ଜୀବନ ଦର୍ଶନର କିଭଳି ପରିବର୍ତ୍ତନ ଅନୁଭବ କରୁଛନ୍ତି ?**

– ପ୍ରତ୍ୟେକ ମଣିଷ ଜଣା ଅଧିକ ସଚେତନ ଏବଂ ମୁଁ ଜାଣେ ମୋ ଭଳି ଅନେକ ସଚେତନ ବ୍ୟକ୍ତି ରହିଛନ୍ତି। ସେମାନେ ସମସ୍ତେ ଆଶ୍ରମରେ ନଥାନ୍ତି। ସେମାନେ ସାରା ପୃଥିବୀରେ ପରିବ୍ୟାପ୍ତ ହୋଇ ରହିଛନ୍ତି। ଯୋଉମାନେ ସଚେତନ ସେମାନେ ସବୁବେଳେ ଅନୁଭବ କରୁଥିବେ ଯେ ଜୀବନ ସ୍ଥାଣୁ ନୁହେଁ, ତାହା ନୂଆନୂଆ ଅଭିଜ୍ଞତା ଆହରଣ କରୁ। ଅଭିଜ୍ଞତା ବୋଇଲେ ମୁଁ କେବଳ ସୁଖମୟ ଅଭିଜ୍ଞତା କଥା କହୁ ନାହିଁ। ଦୁଃଖ ସୁଖ ଉଭୟ ହିଁ ଅଭିଜ୍ଞତା ଏବଂ ଆମ ଚେତନାର ଅଭିବୃଦ୍ଧି ପାଇଁ ଯାହା ପ୍ରୟୋଜନ ତାହାହିଁ ଅଭିଜ୍ଞତା। ଦୁଃଖ ସୁଖର ନୁହେଁ କି ଦୁଃଖ ଦୁଃଖର ନୁହେଁ। ଅଭିଜ୍ଞତା ଏବଂ ସମଷ୍ଟି ମାଧ୍ୟମରେ ଆମର ଚେତନା ଧୀରେ ଧୀରେ ପରିପକ୍ୱତା ଲାଭ କରେ। ଜଣେ ନିଶ୍ଚୟ ବୁଝିବ ଯେ ସିଏ ଗତକାଲି ଯାହା ଥିଲା, ଆଜି ସେୟା ହେଇକି ରହି ନ ପାରେ। ଯଦି ସେୟା ହେଇକି ରହିଥିବ ତା'ହେଲେ ତା'ର ପ୍ରଗତି ଘଟୁନାହିଁ। ତାକୁ ନିଜର ଆତ୍ମସମୀକ୍ଷା ଦ୍ୱାରା ହିଁ ବୁଝିବାକୁ ପଡ଼ିବ ଯେ କାହିଁକି ସିଏ ବୁଝୁନାହିଁ ଯେ ତା'ର ଗୋଟେ ପ୍ରଗତି ଘଟୁଛି ବୋଲି। କିନ୍ତୁ ମୋର ବିଶ୍ୱାସ, ଅଧିକାଂଶ ବ୍ୟକ୍ତି ଯୋଉମାନେ ଜୀବନର ଲକ୍ଷ୍ୟ ସଂପର୍କରେ ଟିକିଏ ସଚେତନ, ତାଙ୍କ ଭିତରେ ଏଇଭଳି ପ୍ରଗତି ଘଟୁଥାଏ।

**ଜୀବନଦର୍ଶନରେ ନିଶ୍ଚିତ ଭାବରେ ପରିବର୍ତ୍ତନ ହେଇହେଇ ଯିବ... ?**

– ନିଶ୍ଚିତ ହେଇହେଇ ଚାଲିଥାଏ, ଅନୁଭବ କରିପାରିବେ ସେମାନେ ନିଜ ଭିତରେ। ବାହାର ପରିସ୍ଥିତିର ପରିବର୍ତ୍ତନ ନ ହୋଇ ପାରେ, କିନ୍ତୁ ନିଜ ଭିତରେ ପରିବର୍ତ୍ତନ ହେଉଥାଏ, ସଚେତନ ପ୍ରୟାସ କଲେ ସମସ୍ତେ ଅନୁଭବ କରିପାରିବେ ସେକଥା।

**ପ୍ରାୟତଃ ଆମେ ଦେଖୁଛୁ ବର୍ତ୍ତମାନ ବସ୍ତୁବାଦର ମୋହ ବ୍ୟକ୍ତି ଜୀବନକୁ ଅନେକାଂଶରେ ମାଡ଼ି ବସୁଛି। ତେବେ ଅଧ୍ୟାତ୍ମବାଦର ସଂପର୍କ ସାହିତ୍ୟ ସହିତ କିଭଳି ?**

– ଅଧିକ। ଯେତିକି ବସ୍ତୁବାଦର ପ୍ରାବଲ୍ୟ ମଣିଷକୁ ଅଭିଭୂତ କରି ରଖୁଛି ସେତିକି ସେତିକି ମଣିଷ ଅସହାୟ ଅନୁଭବ କରୁଛି। ଗୋଟାଏ ଗବେଷଣା ଦେଖଉଛି ଯେ, ଭାରତବର୍ଷରେ ଲୋକମାନଙ୍କର ଅବସାଦ, ଅବସନ୍ନତା ଅନ୍ୟାନ୍ୟ ବହୁ ଦେଶ ତୁଳନାରେ ଅଧିକ। ଯୋଉ ଭାରତବର୍ଷରେ ଆଧ୍ୟାତ୍ମିକତାର ବିକାଶ ଘଟିଥିଲା, ସେଇ ଭାରତବର୍ଷର ଲୋକେ ବିଷାଦ ରୋଗରେ ପୀଡ଼ିତ ହେବେ, ପୁଣି ବ୍ୟାପକ ଭାବରେ, ବିଶେଷତଃ ଯୋଉମାନେ ଉଚ୍ଚ ମଧ୍ୟବିତ୍ତରୁ ଅଧିକ ଉଚ୍ଚ, ଧନୀକ ଶ୍ରେଣୀ- ତାଙ୍କ ଭିତରେ ସେଇ ପ୍ରକାର ଲକ୍ଷଣ ବେଶୀ ଦେଖାଯିବ, ଏ ବଡ଼ ଅଦ୍ଭୁତ ବ୍ୟାପାର। ତା'ର କାରଣ, ଆମେ ଆମର ପ୍ରକୃତ ସ୍ୱଧର୍ମକୁ ଭୁଲିଯାଇଛୁ। ଆମ ଜୀବନର ଲକ୍ଷ୍ୟ ଭୁଲିଯାଇଛୁ। ତେଣୁ ଆଧ୍ୟାତ୍ମିକତାର ବେଶୀ ପ୍ରୟୋଜନ ଆମ ପାଇଁ ରହିଛି, କିନ୍ତୁ ଯୋଉ ଜିନିଷର ବେଶୀ ପ୍ରୟୋଜନ ଥାଏ, ଯାହାର ଭୂମିକା ଯେତେ ଅଧିକ ଗୁରୁତ୍ୱପୂର୍ଣ୍ଣ ହୁଏ, ସେତେବେଳେ ଆଉ ଗୋଟେ ବିପଦ ଦେଖାଯାଏ। ତା'ର ଭେଜାଲ ଅନେକ ହେଇଯାଏ। ଆଜି ଅନେକ ଛଦ୍ମ ଗୁରୁ ମଧ୍ୟ ସମ୍ଭବପର ହୋଇଛନ୍ତି। ଅନେକ ଆଧ୍ୟାତ୍ମିକତାକୁ ବ୍ୟବସାୟ ଭାବରେ ମଧ୍ୟ ବ୍ୟବହାର କରିପାରୁଛନ୍ତି। ଏସବୁ ତ ଅନିବାର୍ଯ୍ୟ। କିନ୍ତୁ ଯାହା ଭିତରେ ସନ୍ଧାନ ଥିବ, ସେ କେବେ ବି ପଥଚ୍ୟୁତ ହେବ ନାହିଁ। ତାକୁ ଭଗବାନ ଠିକ୍ ରାସ୍ତାକୁ ନେଇ ଆସିବେ ଏବଂ ଠିକ୍ ମାର୍ଗର ସନ୍ଧାନ ଦେବେ।

**ତେବେ ଏହି ପରିପ୍ରେକ୍ଷୀରେ ସାହିତ୍ୟ କିଭଳି ଭୂମିକା ନିର୍ବାହ କରେ ? କାରଣ ସାହିତ୍ୟ ତ ସମାଜର ଗୋଟେ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। ବର୍ତ୍ତମାନ ସମାଜ ଯେତେବେଳେ ବସ୍ତୁବାଦର ମୋହରେ ଧ୍ୱଂସ ଆଡ଼କୁ ଗତି କରୁଛି ସେଠି ସାହିତ୍ୟ ବା ସାହିତ୍ୟିକ କିଭଳି ଭୂମିକା ନିର୍ବାହ କରିପାରିବେ ?**

– ଆପଣ ସାହିତ୍ୟ ବା ସାହିତ୍ୟିକ ପାଇଁ କୌଣସି ଗୋଟାଏ ନୀତିନିୟମ ପ୍ରଣୟନ କରିପାରିବେ ନାହିଁ। ଔଚିତ୍ୟବୋଧ ଦ୍ୱାରା ସାହିତ୍ୟ ପରିଚାଳିତ ହୁଏନା, ଶିଶୁ ସାହିତ୍ୟ ବ୍ୟତିରେକେ। ଆପଣ ଯେତେବେଳେ ଶିଶୁ ସାହିତ୍ୟ ଲେଖିବେ ସେତେବେଳେ ଆପଣ ନିଶ୍ଚୟ ନିଜକୁ ଯଥେଷ୍ଟ ସଂଭ୍ରମଶୀଳ କରି ଲେଖିବାକୁ ପଡ଼ିବ। ଆପଣ ତାଙ୍କୁ ଦିଗ୍‌ଦର୍ଶନ ଦେବେ, କିନ୍ତୁ ଯେତେବେଳେ ଏକ ନିର୍ଦ୍ଦିଷ୍ଟ ବୟସ ଅତିକ୍ରମ କରିବା ପରେ ପାଠକ ଜାଣିବାକୁ ଚାହିଁବ ଜୀବନ, ସେତେବେଳେ ଆପଣ କ'ଣ ଲେଖିବେ ତାହା ନିର୍ଭର କରେ ଆପଣଙ୍କର ନିଜର ବିଚାରଶକ୍ତି, ବିବେକବୋଧ ଏବଂ ଆପଣଙ୍କର ପ୍ରେରଣାର ସ୍ତର ଉପରେ। ପ୍ରେରଣାର ବହୁତ ସ୍ତର ରହିଛି। କେଉଁ ସ୍ତରରୁ ଆପଣ ପ୍ରେରଣା ଆହରଣ କରୁଛନ୍ତି ତା' ଉପରେ ନିର୍ଭର କରିବ ଆପଣ ସାହିତ୍ୟ କ'ଣ ଲେଖିବେ। କିନ୍ତୁ କୌଣସି ପ୍ରକାର ମାନଦଣ୍ଡ ଦ୍ୱାରା ଆପଣ ସାହିତ୍ୟକୁ ନିୟନ୍ତ୍ରଣ କରିପାରିବେ ନାହିଁ। କାରଣ ସାହିତ୍ୟ ହେଉଛି ମଣିଷର ମୁକ୍ତ ଅଭିବ୍ୟକ୍ତି।

**ତା'ହେଲେ ଜଣେ ମଣିଷର ଦୈନନ୍ଦିନ ଘଟଣାବଳୀ, ଜୀବନଚର୍ଯ୍ୟା, ଏସବୁର ପ୍ରଭାବ ସାହିତ୍ୟ ଉପରେ ପଡ଼ିଥାଏ କି ?**

– ନିଶ୍ଚୟ। ସାରା ଜୀବନକୁ ନେଇ କି ତ

ସାହିତ୍ୟ। ଜୀବନର ସମସ୍ତ ଦୈନନ୍ଦିନ ଦିନଚର୍ଯ୍ୟାଠୁ ଆରମ୍ଭ କରି ତା'ର ମହତ୍ତମ ସ୍ୱପ୍ନ ପର୍ଯ୍ୟନ୍ତ। ସବୁକିଛି ସାହିତ୍ୟର ପରିସର ଅନ୍ତର୍ଭୁକ୍ତ। କିନ୍ତୁ ଜଣେ ସୃଜନଶୀଳ ଲେଖକ କେମିତି ସଚେତନ ଭାବରେ ତାର ଉପଯୋଗ କରିପାରୁଛି, ଜୀବନର ସାଧାରଣ ଘଟଣାକୁ ସେ କେମିତି ତାତ୍ପର୍ଯ୍ୟପୂର୍ଣ୍ଣ କରିପାରୁଛି, ତାହା ନିର୍ଭର କରେ ତା'ର ଅନ୍ତର୍ଦୃଷ୍ଟି ଉପରେ, ତା'ର ବୋଧଶକ୍ତି ଉପରେ ଏବଂ ତା'ର କଳାନିପୁଣତା ଉପରେ।

**ତେବେ ସାହିତ୍ୟର ଆତ୍ମା ଓ ଆକୃତି ଏ ଦୁଇଟିକୁ ଆମେ କିଭଳି ସଂପର୍କିତ କରିବା ?**

- ଆତ୍ମା ଓ ଆକୃତି ଆପଣ ଯାହା କହୁଛନ୍ତି ସେମାନେ ଇଂରାଜୀରେ କହନ୍ତି - The content and the form. ଯିଏ ସଚ୍ଚା ସାହିତ୍ୟିକ ସେ କେବେବେଳେ ଫର୍ମ ନେଇ ଚିନ୍ତା କରେନାହିଁ। ଆକୃତିର ଚିନ୍ତା କରେନାହିଁ। ଯେତେବେଳେ ପ୍ରେରଣା ଆସେ ଏବଂ ଯୋଉ ପ୍ରକାର ବିଷୟବସ୍ତୁକୁ ଭିତ୍ତିକରି ପ୍ରେରଣା ଆସିଥିବ ସେଇ ବିଷୟବସ୍ତୁ ଆପଣାଛାଏଁ ତା'ର ଶୈଳୀ ନିର୍ମାଣ କରିନେବ। ଆପଣାଛାଏଁ ଶୈଳୀ ନିୟନ୍ତ୍ରିତ ହୋଇଯିବ ସେଇ ଅନୁସାରେ। ଧରନ୍ତୁ ମୋ ଗଳ୍ପ- ଆପଣ ଦୃଷ୍ଟିଦେବେ ମୋର ଗଳ୍ପସମଗ୍ର ପ୍ରତି, ସେଥିରେ ଅନେକ ଗଳ୍ପ ରହିଛି ଯୋଉଗୁଡ଼ିକ ବିଦ୍ରୁପାତ୍ମକ ଗଳ୍ପ।

**ଅନେକ ପ୍ରତୀକାତ୍ମକ ବି ରହିଛି ?**

- ପ୍ରତୀକାତ୍ମକ ବହୁତ ରହିଛି।

**ଆପଣଙ୍କ ଗଳ୍ପ ସବୁକୁ ଯଦି ଦେଖିବା ତେବେ ଆପଣଙ୍କର ପ୍ରାୟ ଚରିତ୍ର ଆଦର୍ଶବାଦୀ ହୋଇଥାନ୍ତି। ଏମିତି କାହିଁକି ?**

- କାହିଁକି ବୋଲି କହିପାରିବିନି। ମୋର ପ୍ରେରଣା ସେୟା କହିଛି ମୋତେ କରିବା ପାଇଁ। କିନ୍ତୁ ଆପଣ ଦେଖିବେ ମୁଁ ଯାହା କହିବାକୁ ଚାହୁଁଥିଲି, ସେଇଟା ହେଉଛି ଯେ ଅନେକ ସମୟରେ ମୁଁ ପଞ୍ଚତନ୍ତ୍ର, କଥାସରିତ୍ ସାଗରର ଏକ ଏକ କାହାଣୀ ନେଇ, ତାକୁ ଭିତ୍ତି କରି ମୋର ପରବର୍ତ୍ତୀ ବକ୍ତବ୍ୟ ଯାହା ତାକୁ ଉପସ୍ଥାପନ କରିଛି। ସେଠି ଶୈଳୀ ନିର୍ଣ୍ଣିତ ହୋଇଛି ବିଷୟବସ୍ତୁର ଚାହିଦା ଅନୁସାରେ। ବିଷୟବସ୍ତୁ ଚାହୁଁଛି ସେଇଭଳିଆ ଏକ ଶୈଳୀ ଅବଲମ୍ବନ କରିବା ପାଇଁ। ଅବୋଲକରାର ଚରିତ୍ର ଗୋଟିକୁ ମୁଁ ଅବଲମ୍ବନ କରିଛି। କେଉଁ ଯୁଗରେ ସୃଷ୍ଟି ହୋଇଥିଲେ ଓଡ଼ିଆ ସାହିତ୍ୟରେ ଅବୋଲକରାର ଚରିତ୍ର ମୁଁ ଜାଣେନା; କିନ୍ତୁ ଆଜି ମଧ୍ୟ ତା'ର ପ୍ରୟୋଜନୀୟତାକୁ ମୁଁ ଅନୁଭବ କରିଛି ଏବଂ ତାକୁ ପ୍ରୟୋଗ କରିଛି ମଧ୍ୟ। ତେଣୁ ବିଷୟବସ୍ତୁ ଅନୁସାରେ ବଳେବଳେ କାହାଣୀର ରୂପ, ତା'ର ଶୈଳୀ, ତା'ର ଭାଷା, ତା'ର ସମଗ୍ର ଗଠନ- ପ୍ରକାର ନିରୂପିତ ହୋଇଯିବ।

**ଆପଣ ପ୍ରଥମେ ଓଡ଼ିଆରେ ଲେଖା ଆରମ୍ଭ କରିଥିବେ ନିଶ୍ଚୟ ?**

- ହଁ...।

**ପରବର୍ତ୍ତୀ ସମୟରେ ଆପଣ ଇଂରାଜୀରେ ଲେଖିଲେ। ବର୍ତ୍ତମାନ ଦୁଇଟିଯାକ ଭାଷା ଆପଣଙ୍କର ସର୍ଜନାର ମାଧ୍ୟମ ପାଲଟି ଯାଇଛି। ତେବେ କେଉଁ ଭାଷାଟି ଆପଣଙ୍କ ପାଇଁ ବେଶୀ ସହଜ ଲାଗେ ବା କେଉଁ ଭାଷାରେ ଆପଣ ନିଜକୁ ସୁନ୍ଦର ଭାବରେ ବ୍ୟକ୍ତ କରିପାରନ୍ତି ? ପୁଣି କୋଉଥିରେ ଆପଣଙ୍କୁ କିଛି ଟିକେ ଅଲଗା ଲାଗେ ?**

- ହଁ, ଏ ବିଷୟରେ ମୁଁ ଆଗରୁ ବି କହିଛି; ଏବେ ମଧ୍ୟ ଷ୍ଟେଟସ୍‌ମ୍ୟାନ୍‌ରେ ମୋର ଗୋଟିଏ ଇଣ୍ଟରଭ୍ୟୁ ବାହାରିଥିଲା, ଏଇ ମାସେ ଦୁଇମାସ ତଳେ, ମୋର ୮୦ତମ ଜନ୍ମଦିନ ଉପଲକ୍ଷେ ସେଥିରେ ମୁଁ କହିଥିଲି ଯେ - No True Poetry can ever be written except in one's mothertongue. କାରଣ ଯେତେବେଳେ ମାଧ୍ୟମ ଭାବରେ ଭାଷା ପ୍ରଶ୍ନ ଆସୁଛି, କବିତାର ମାଧ୍ୟମ ଗୋଟାଏ ପୋଷ୍ୟ ଭାଷା, ଆଡପ୍ଟେଡ୍ ଲାଙ୍ଗୁଏଜ୍, ଯୋଉଟାକୁ ମୁଁ କଥାସାହିତ୍ୟ ପାଇଁ ଗ୍ରହଣ କରିଛି ପରବର୍ତ୍ତୀ ସମୟରେ ସେଇଟା ମୋର ସ୍ୱଚ୍ଛ କବିତାର ଭାଷା ହୋଇ ନ ପାରେ। କାରଣ କବିତା ଭିତରେ ରହିଥିବା ଅବଚେତନ, ସ୍ୱପ୍ନ, ପ୍ରଥମ ଏ ପୃଥିବୀକୁ ଜାଣିବାର ଶିହରଣ, ଏଇ ସମସ୍ତ କେବଳ ମାତୃଭାଷାରେ ହିଁ ପ୍ରକାଶିତ ହୋଇପାରିବ। ମୁଁ ତ କେବେବେଳେ ଜଣେ ଭଲ ପାଠକ ନୁହେଁ, ମୋର ପଢ଼ିବାର ପରିସର ବହୁତ କମ୍, ଆଉ କ୍ଷୀପ୍ରଭାବରେ ମୁଁ ପଢ଼ିପାରେନି; ତା'ପରେ ମୁଁ କେବେ ଗୋଟେ ଭଲ ଛାତ୍ର ଯେ ଥିଲି, ବେଶୀ ପଢ଼ିବି, ଭଲ ଭାବେ ପଢ଼ିବି ସେଭଳି ଆଗ୍ରହ ନ ଥିଲା। ଇଂରାଜୀ ପ୍ରତି ଗୋଟେ ସ୍ୱତଃସ୍ଫୂର୍ତ୍ତ ଶ୍ରଦ୍ଧା ଥିଲା କୁହାଯାଇପାରେ କିନ୍ତୁ ତା'ଠୁ ଅଧିକ କିଛି ନାହିଁ। ଇଂରାଜୀରେ ଲେଖିବାର ମୋର କୌଣସି ଦୁର୍ନିବାର ଆକାଂକ୍ଷା ନ ଥିଲା। ଯେତେବେଳେ ମୁଁ ତୃତୀୟ ବାର୍ଷିକ କଳାର ଛାତ୍ର, ସେତେବେଳେ ଦିନେ ଦେଖିଲି ଜଣେ ଭାରତୀୟ ଲେଖକ ଭାରତବର୍ଷର ଗ୍ରାମ୍ୟ ସମାଜ ସଂପର୍କରେ ଗୋଟେ ଲେଖା ଲେଖିଛନ୍ତି; ଆଉ ସେଇଟା ଥିଲା ଗୋଟେ ଅପମାନଜନକ ଲେଖା; ଭାରତର ଗ୍ରାମ୍ୟଜୀବନକୁ ସେ ବୁଝିପାରିନାହାନ୍ତି, ବଡ଼ ଉପରଠାଉରିଆ ଭାବରେ ଦେଖିଛନ୍ତି ଏବଂ ତାକୁ ସେ ପରିବେଷଣ କରିଛନ୍ତି ଇଂରାଜୀ ଭାଷା ଜରିଆରେ ସାରା ପୃଥିବୀ ଆଗରେ। ମୋତେ ବଡ଼ ବ୍ୟଥିତ ଲାଗିଲା। କାରଣ ମୁଁ ପଲ୍ଲୀରେ ଜନ୍ମଗ୍ରହଣ କରିଛି, ପଲ୍ଲୀରେ ବଢ଼ିଛି, ଇଂରାଜୀ ଶିଖିଲି ଯାଇ ପଞ୍ଚମ ଶ୍ରେଣୀରେ। ତେଣୁ ମୁଁ ଗ୍ରାମ୍ୟ ଜୀବନକୁ ଜାଣେ ଏବଂ ମୋର ମନେହେଲା ଯେ, ଗାଁର ସନ୍ତାନ ଭାବରେ ମୁଁ ଗ୍ରାମ୍ୟଜୀବନ ଉପସ୍ଥାପନ କରିବି ଠିକ୍ ଭାବରେ, ଇଂରାଜୀ ଭାଷା ଜରିଆରେ। ମୋର କର୍ତ୍ତବ୍ୟ ସେଇଟା। ସେଇଠୁ ମୁଁ ଲେଖିବାକୁ ଆରମ୍ଭ କଲି। ଭାରତର ସମସ୍ତ ମୁଖ୍ୟ କାଗଜରେ ବିଭିନ୍ନ ସମୟରେ ମୁଁ ସ୍ତମ୍ଭ ଲେଖିଛି। 'ଟାଇମ୍‌ସ ଅଫ୍ ଇଣ୍ଡିଆ'ରେ, 'ହିନ୍ଦୁସ୍ଥାନ ଟାଇମ୍‌ସ'ରେ, 'ହିନ୍ଦୁ'ରେ। 'ହିନ୍ଦୁ'ରେ ପାକ୍ଷିକ ସ୍ତମ୍ଭ ଥିଲା। ହିନ୍ଦୁସ୍ଥାନ୍ ଟାଇମସ୍‌ରେ ଏକ ସାପ୍ତାହିକ ସ୍ତମ୍ଭ ଥିଲା । ଥଟ୍ ବୋଲି ଗୋଟେ ସାପ୍ତାହିକ ସ୍ତମ୍ଭ ଆରମ୍ଭ କରିଥିଲି। ଲେଖୁ ଲେଖୁ ଏମିତି ଅଭ୍ୟାସ ହୋଇଛି ଯେ ଆଜି କୋଉ ଭାଷାରେ ଲେଖିଲେ ବି ମୁଁ କୌଣସି



ଅସୁବିଧା ଅନୁଭବ କରୁନି। ସେ ଇଂରାଜୀ ହେଉ କି ଓଡ଼ିଆ ହେଉ, ଉଭୟରେ ଆଜି ସ୍ୱତଃସ୍ଫୂର୍ତ୍ତ ଭାବରେ ଲେଖିପାରେ।

**ଇଂରାଜୀ ହେଉ କି ଓଡ଼ିଆ, ଅନେକ ସାହିତ୍ୟ କୃତିର ସ୍ରଷ୍ଟା ଆପଣ। ଆଜି ଆପଣ ଶୀର୍ଷ ସ୍ତରରେ ଆସି ପହଞ୍ଚିଛନ୍ତି। ତେବେ ଆପଣଙ୍କ ସାହିତ୍ୟ ସୃଷ୍ଟିର ମୂଳ ଆଧାରଟି କ'ଣ ବୋଲି ଆମେ ଭାବିବା ?**

– ମୂଳ ଆଧାର ପ୍ରେରଣା। ସେ ପ୍ରେରଣାର କୌଣସି ଯୌକ୍ତିକ ବ୍ୟାଖ୍ୟା ନାହିଁ। ତା'ର ଆଦିଅନ୍ତ ବି କିଛି ନାହିଁ। ସେ ତ ଗୋଟେ ଅସୀମ ଶକ୍ତି ବୋଲି କୁହାଯାଇପାରେ। ତା'ରି ଭିତରୁ ସମଗ୍ର ପୃଥିବୀର ଶ୍ରେଷ୍ଠ ସାହିତ୍ୟ ସୃଷ୍ଟି ହୋଇଛନ୍ତି। ସେ ସଂପର୍କରେ ଆଉ ଅଧିକ କ'ଣ କହିବି ? ତେବେ ଭିନ୍ନି ଭାବରେ



ରହିଛି ଜୀବନ ଅନୁଧ୍ୟାନ, ମଣିଷକୁ ଜାଣିବା ଦିଗରେ ଗୋଟାଏ ନିଷ୍ଠାପର ଉତ୍ସାହ, କୌତୂହଳ। ମୋ ମତରେ ଏ ସବୁ ନିଶ୍ଚିତ ଭାବରେ ଲେଖକର ଥିବା ପ୍ରୟୋଜନ। କିନ୍ତୁ ଏସବୁ ଲେଖିବାର ଉଦ୍ଦେଶ୍ୟ ନେଇ ଲେଖି ହେବନି। ଜୀବନକୁ ବୁଝିବାର ସ୍ୱତଃସ୍ଫୂର୍ତ୍ତ ଉଦ୍ଦେଶ୍ୟ ଥିବା ଦରକାର। ସାହିତ୍ୟ ତା'ପରେ ଆସିବ। ଯେତେବେଳେ ଆସିବ ସେତେବେଳେ ସ୍ୱତଃସ୍ଫୂର୍ତ୍ତ ଭାବରେ ଚେତନାରେ ସେ କାର୍ଯ୍ୟକାରୀ ହେବ। ସାହିତ୍ୟକୁ ବଳେବଳେ ତାହା ପ୍ରଭାବିତ କରିବ।

**ତା'ହେଲେ ସାହିତ୍ୟ ସୃଷ୍ଟି କରିବା ପାଇଁ ଜଣେ ପ୍ରଥମେ ଭଲରେ ଜୀବନକୁ ହିଁ ବୁଝିବା ଦରକାର ?**

– ଜୀବନକୁ ବୁଝିଲେ ବଳେବଳେ ସାହିତ୍ୟରେ ତା'ର ପ୍ରତିଫଳନ ଘଟିବ। ଅବଶ୍ୟ ଯଦି ଜଣେ ସୃଜନ ପ୍ରତିଭାର ଅଧିକାରୀ ହୋଇଥିବ।

**ଜଣେ ଜୀବନକୁ ବୁଝିଲେ ହିଁ କଳା, ସାହିତ୍ୟ, ସଂସ୍କୃତି- ସବୁ ପାଇଁ କାମ କରିପାରିବ ?**

– ହଁ, ହଁ, ନିଶ୍ଚୟ ଯଦି ତା' ଭିତରେ ସୃଜନାତ୍ମକ କଳାଥିବ, ନିଶ୍ଚୟ। ନିର୍ଭର କରେ ତା'ର ଉଦ୍ଦେଶ୍ୟ କ'ଣ ? ଯିଏ ସିନେମା କରିବାକୁ ଚାହିଁବ ସାଧାରଣତଃ ତା'ର ପ୍ରଥମ ଉଦ୍ଦେଶ୍ୟ ହେଉଛି ଲାଭ କରିବା। ମୁଁ ଜାଣିଛି ଆପଣ ଜଣେ ପ୍ରଡ୍ୟୁସର। ସେଥିରେ କିଛି କ୍ଷତି ନାହିଁ। କିନ୍ତୁ ତା' ସଙ୍ଗେ ସଙ୍ଗେ ଧରନ୍ତୁ ଯୋଉଁ ଜୀବନକୁ ଆମେ ଦେଖୁ ସତ୍ୟଜିତ୍ ରାୟଙ୍କ ଫିଲ୍ମରେ- ତାଙ୍କର ସବୁ ଫିଲ୍ମ କଥା କହୁନି; ସେ ତ ଅନେକ ପ୍ରକାର ଚେଷ୍ଟା କରିଛନ୍ତି। କିନ୍ତୁ ତାଙ୍କର ମୁଖ୍ୟ ଫିଲ୍ମମାନଙ୍କରେ ଯାହା ଦେଖୁ, ସେ ନିଶ୍ଚୟ ଜୀବନକୁ ବେଶ୍ ସୂକ୍ଷ୍ମ ଦୃଷ୍ଟିରେ ବୁଝିପାରିଥିବାର ସ୍ପଷ୍ଟ ହୁଏ। କିନ୍ତୁ ତାଙ୍କର ଜୀବନର ଲକ୍ଷ୍ୟ ସଂପର୍କରେ କିଛି ପରାଦୃଷ୍ଟି ବା Vision ଥିଲା କି ନାହିଁ ମୁଁ ଜାଣିନି। କିନ୍ତୁ ଯେତିକି ଜୀବନ ବାସ୍ତବ ଜୀବନ, ତାକୁ ଏକ ଚମତ୍କାର ସୂକ୍ଷ୍ମ ଦୃଷ୍ଟିକୋଣରେ ସେ ଦେଖିଛନ୍ତି ଏବଂ ଦେଖିବା ଫଳରେ ଏଭଳି ବାସ୍ତବତା ସବୁ ଫୁଟେଇ ପାରିଛନ୍ତି, ଯାହା ଅନ୍ୟମାନେ ପାରି ନ ଥାନ୍ତେ।

**ଜଣେ ସାହିତ୍ୟିକ କାହା ପ୍ରତି ସମର୍ପିତ ହେବା ଆବଶ୍ୟକ ବୋଲି ଆପଣ ମନେକରନ୍ତି ?**

– ଏହାର ସିଧାସଳଖ ଉତ୍ତର ହେଲା ନିଜର ପ୍ରେରଣା ପ୍ରତି। ପ୍ରେରଣାର କୌଣସି ସଂଜ୍ଞା, ସ୍ଥୂଳ ଶବ୍ଦ ଦ୍ୱାରା ଦେବା ସମ୍ଭବ ନୁହେଁ। ଯେମିତି ରାଗ ବା ରାଗିଣୀ, ଆପଣ ତାକୁ ଭାଷାରେ ବୁଝେଇ ପାରିବେ ନାହିଁ। ଗୋଟେ ରାଗରାଗିଣୀ ଯିଏ ଶୁଣିବ, ସେ ତାକୁ ଅନୁଭବ କରିବ। ତା'ର କୌଣସି ଯୁକ୍ତିସଙ୍ଗତ ବ୍ୟାଖ୍ୟା ସମ୍ଭବପର ନୁହେଁ। ଠିକ୍ ସେମିତି ପ୍ରେରଣା। ପ୍ରେରଣା

## ମନୋଜ ଦାସଙ୍କ ସୃଷ୍ଟି ସମ୍ଭାର

**କବିତା ସଂକଳନ**

୧. ଶତାବ୍ଦୀର ଆର୍ତ୍ତନାଦ (୧୯୪୯)
୨. ବିପ୍ଲବୀ ଫକୀରମୋହନ (୧୯୫୦)
୩. ପଦଧ୍ୱନି (୧୯୫୪)
୪. ଦୂରନ୍ତ ବେଳାର ମାଟି (୧୯୫୭)
୫. ଉପନିବେଶ (୧୯୬୬)
୬. ତୁମ ଗାଁ ଓ ଅନ୍ୟାନ୍ୟ କବିତା (୧୯୯୨)
୭. କବିତା ଉତ୍କଳ (୨୦୦୩)

**ଗଳ୍ପ ସଂକଳନ**

୧. ସମୁଦ୍ରର କ୍ଷୁଧା (୧୯୫୨)
୨. ଜୀବନର ସ୍ୱାଦ (୧୯୫୩)
୩. ବିଷକନ୍ୟାର କାହାଣୀ (୧୯୫୪)
୪. ଆରଣ୍ୟକ (୧୯୬୧)
୫. ଶେଷ ବସନ୍ତର ଚିଠି (୧୯୬୫)
୬. ମନୋଜ ଦାସଙ୍କ କଥା ଓ କାହାଣୀ (୧୯୭୧)
୭. ଲକ୍ଷ୍ମୀର ଅଭିସାର (୧୯୭୪)
୮. ଆବୁ ପୁରୁଷ ଓ ଅନ୍ୟାନ୍ୟ କାହାଣୀ (୧୯୭୫)
୯. ଧୂମ୍ରାଭ ଦିଗନ୍ତ ଓ ଅନ୍ୟାନ୍ୟ କାହାଣୀ (୧୯୭୭)
୧୦. ମନୋଜ ପଞ୍ଚବିଂଶତି (୧୯୮୩)
୧୧. ଭିନ୍ନ ମଣିଷ ଓ ଅନ୍ୟାନ୍ୟ କାହାଣୀ (୧୯୮୭)
୧୨. ଚତୁର୍ଥ ବନ୍ଧୁ ଓ ଅନ୍ୟାନ୍ୟ କାହାଣୀ (୧୯୯୦)
୧୩. ଅବୋଲକରା କାହାଣୀ (୧୯୯୧)
୧୪. ମନୋଜ ଦାସଙ୍କ ଗଳ୍ପ (୧୯୯୨)

**ଉପନ୍ୟାସ**

୧. ବୁଲଡୋଜର୍ସ (୧୯୮୯)
୨. ପ୍ରଭଞ୍ଜନ (୧୯୯୨)
୩. ଗୋଧୂଳିର ବାଘ (୧୯୯୫)
୪. ଅମୃତ ଫଳ (୧୯୯୬)
୫. ଆକାଶର ଇସାରା ((୧୯୯୭)
୬. ତନ୍ଦ୍ରାଲୋକର ପ୍ରହରୀ (୨୦୦୦)

**ଭ୍ରମଣ କାହାଣୀ**

୧. ଇଣ୍ଡୋନେସିଆର ଅନୁଭୂତି (୧୯୫୭)
୨. ଦୂର ଦୂରାନ୍ତର (୧୯୭୩)
୩. ଅନ୍ତରଙ୍ଗ ଭାରତ (ପ୍ରଥମ ଭାଗ) (୧୯୯୨), (ଦ୍ୱିତୀୟ ଭାଗ) (୧୯୯୬)
୪. ଅଦୂର ବିଦେଶ (୨୦୦୪)
୫. ଅଜଣାର ଅନ୍ୱେଷଣେ (୨୦୧୧)

**ପ୍ରବନ୍ଧ ଓ ରମ୍ୟ ରଚନା**

୧. କେତେ ଦିଗନ୍ତ (ପ୍ରଥମ ଭାଗ) ୧୯୮୬, (ଦ୍ୱିତୀୟ ଭାଗ)୧୯୮୬
୨. ବିପନ୍ନ ଏ ପୃଥିବୀ (୧୯୯୪)
୩. ଭାରତର ଐତିହ୍ୟ: ଶତେକ ପ୍ରଶ୍ନର ଉତ୍ତର (୧୯୯୮)
୪. ସନ୍ଧାନ ଓ ସଙ୍କେତ (୧୯୯୯)
୫. ଅରଣ୍ୟ ଉଲ୍ଲାସ (୧୯୯୯)
୬. ସତ୍ୟ, ଅସତ୍ୟ ଏବଂ ଅନ୍ୟାନ୍ୟ ପ୍ରସଙ୍ଗ (୨୦୦୨)
୭. ସ୍ମୃତିର ପ୍ରଦୀପ (୨୦୦୪)
୮. ମହାକାଳର ପ୍ରହେଳିକା ଏବଂ ଅନ୍ୟାନ୍ୟ ଜିଜ୍ଞାସା

### ସ୍ମୃତି କଥା

୧. ସମୁଦ୍ରକୂଳର ଏକ ଗ୍ରାମ (୧୯୯୬)

### ଶିଶୁ ସାହିତ୍ୟ

୧. ଆଲୋକ ଓ ଆନନ୍ଦର କାହାଣୀ (୧୯୭୦)
୨. ଅମର ସାହିତ୍ୟ (୧୯୭୩)
୩. କନକ ଉପତ୍ୟକାର କାହାଣୀ (ଉପନ୍ୟାସିକା) (୧୯୯୪)
୪. ଭାସ୍କରର ସନ୍ଧାନରେ (୨୦୧୦)

### ସଂକ୍ଷିପ୍ତ ଜୀବନୀ

୧. ମହାଯୋଗୀ ଶ୍ରୀଅରବିନ୍ଦ (୧୯୯୬)

### ଆଧ୍ୟାତ୍ମିକ କାହାଣୀ

୧. ଉପକଥା ଶତକ (୨୦୦୨)

### ଆଧ୍ୟାତ୍ମିକ ସାହିତ୍ୟ

୧. ପ୍ରଜ୍ଞା ପ୍ରଦୀପିକା (୨୦୧୨)

### ଅନ୍ୟାନ୍ୟ

୧. ମନୋଜ ଦାସ ପରିବେଷିତ ଅର୍ଦ୍ଧଶତକ କିଶୋର କାହାଣୀ (୨୦୧୪)
୨. ମନୋଜ ଦାସ ପରିବେଷିତ ଇଂରାଜୀ ପ୍ରବାଦ ମାଳାର ଅର୍ଦ୍ଧଶତ ଏକ ବିଚିତ୍ର କାହାଣୀ (୨୦୧୪)

ଯେତେବେଳେ ଆସେ, ସେତେବେଳେ ଗୋଟେ ନିର୍ଦ୍ଦିଷ୍ଟ ଧ୍ୟାନ ଧାରଣା ଏବଂ ଗୋଟେ ନିର୍ଦ୍ଦିଷ୍ଟ ବକ୍ତବ୍ୟ ନେଇ ଆସେ। ସେଇ ବକ୍ତବ୍ୟକୁ ରୂପଦାନ ଦିଏ ଲେଖକ ତା'ର ଭାଷାଶକ୍ତି ଓ ଶୈଳୀଶକ୍ତି ମାଧ୍ୟମରେ। ତେଣୁ ପ୍ରେରଣାହୀନ ସାହିତ୍ୟ ଗୋଟାଏ ପ୍ରଭାବହୀନ ସାହିତ୍ୟ ହେବ। ଯେଉଁ ସାହିତ୍ୟ ମଧ୍ୟରେ ପ୍ରେରଣା ଥିବ, କେବଳ ସେଇ ସାହିତ୍ୟ ଅନ୍ୟକୁ ଅନୁପ୍ରାଣିତ କରିପାରିବ ଏବଂ ଅନ୍ୟର ସ୍ମୃତିରେ ସଂଜୀବିତ ରହିପାରିବ।

**ଆପଣ ଗୋଟିଏ ସଭାରେ ଏଇ କଥାଟି କହିଥିଲେ କି ଯେତେ ପରିମାଣରେ ସାହିତ୍ୟ ସୃଷ୍ଟି ହେଉଛି ସେତେ ପରିମାଣରେ ପୁରସ୍କାର ସୃଷ୍ଟି ହୋଇପାରିବ ନାହିଁ ?**

- ନିଶ୍ଚୟ, ହୋଇପାରିବ ନାହିଁ ଏବଂ ମୁଁ ଯାହା ଶୁଣେ ପୁରସ୍କାର ପାଇବା ପଛରେ ମଧ୍ୟ ଅନେକ ପ୍ରକାର ଶକ୍ତି କାମ କରେ; ଯାହା ସବୁବେଳେ ଶୁଭଙ୍କର ନୁହେଁ କିମ୍ବା ସବୁବେଳେ ସାଧୁ ନୁହେଁ। ତେଣୁ ସେ ବିଷୟରେ ଖୁବ୍ ବେଶୀ ଚିନ୍ତାଗ୍ରସ୍ତ ହେବା କୌଣସି ସୃଜନଶୀଳ ଲେଖକ ପକ୍ଷରେ ଆବଶ୍ୟକ ନୁହେଁ।

**ତା'ହେଲେ ସାହିତ୍ୟ ସୃଷ୍ଟି, ପାଠକୀୟ ସ୍ୱୀକୃତି, ପୁରସ୍କାର ଏବଂ ବିଭିନ୍ନ ସମ୍ବର୍ଦ୍ଧନା - ଆମେ ଯାକୁ କେମିତି ପରସ୍ପର ସହିତ ସଂଯୋଜିତ କରିବା ?**

- ଯିଏ ସଚ୍ଚା ସାହିତ୍ୟିକ, ସିଏ ଲେଖି ଚାଲିବ। ମୁଁ କହୁନାହିଁ ଯେ ସେ ଗୋଟାଏ ଏଭଳି ନିର୍ବିକାର ଲେଖକ ହେଉଥିବ ଯିଏ କି ପାଠକ ଉପରେ କେତେ ଦୂର ପ୍ରଭାବ ପଡ଼ିଲା କି ନ ପଡ଼ିଲା, କି ପାଠକକୁ ଛୁଇଁଲା କି ନ ଛୁଇଁଲା, ସେ ସଂପର୍କରେ ନିସ୍ପୃହ ରହିବ। ମୁଁ ସେ କଥା କହୁନାହିଁ। କିନ୍ତୁ ଯୋଉ ଯୋଉ ସମାଜରେ ଅନେକ ଆନୁଷଙ୍ଗିକ ଅନୁଷ୍ଠାନ ରହିଛି ଯଥା ପୁରସ୍କାର, ସମ୍ବର୍ଦ୍ଧନା ଜ୍ଞାପନ, ଏଇ ସବୁକୁ ନିଶ୍ଚିତ ଭାବରେ ଲକ୍ଷ୍ୟରେ ରଖି ଜଣେ ସାହିତ୍ୟିକ ସଚ୍ଚା ସାହିତ୍ୟ ଲେଖି ପାରିବନି। ମୁଁ ଅନେକ ସମୟରେ ଭାବେ, କୋଉ ପ୍ରକାର ପୁରସ୍କାର ପ୍ରତିଶ୍ରୁତି ଥିଲା ବ୍ୟାସଙ୍କ ଆଗରେ କିମ୍ବା ବାଲ୍ମିକୀଙ୍କ ଆଗରେ କିମ୍ବା ଏପରିକି କୋଉ ପୁରସ୍କାର ପ୍ରତିଶ୍ରୁତି ଥିଲା ଆମର ଲୋକକଥାର ସ୍ରଷ୍ଟା ଗୁଣାଢ୍ୟ କିମ୍ବା ସୋମଦେବ କିମ୍ବା ବିଷ୍ଣୁଶର୍ମାଙ୍କ ଆଗରେ ? କିଛି ନ ଥିଲା। ବାସ୍ତବିକ୍ ସେମାନେ ଲେଖୁଥିଲେ ପ୍ରେରଣା ପ୍ରସୂତ ସାହିତ୍ୟ। କିନ୍ତୁ ଆଜିର ସମାଜ ବଦଳିଗଲାଣି। ଆଜି ଏଇ ସମସ୍ତ ସମାଜର ଯେଉଁ ପ୍ରତିଶ୍ରୁତି ରହିଛି ଯଥା, ଜଣେ ଲେଖକକୁ ସମ୍ମାନ ଦେବାର ପ୍ରତିଶ୍ରୁତି, ସ୍ୱୀକୃତି ଦେବାର ପ୍ରତିଶ୍ରୁତି- ଏ ସମସ୍ତରୁ ଜଣେ ସଂପୂର୍ଣ୍ଣ ନିର୍ଲିପ୍ତ ରହିପାରିବ ନାହିଁ। କିନ୍ତୁ ଏ ସମସ୍ତ ଯେମିତି ଲକ୍ଷ୍ୟ ନ ହୁଏ। ଏ ସମସ୍ତ ଆନୁଷଙ୍ଗିକ ବ୍ୟାପାର ଏବଂ ଯାହା ମିଳିଲା କି ନ ମିଳିଲା, ସେଥିରେ କିଛି ଯାଏ ଆସେ ନାହିଁ। ଅନେକ ଯୋଗ୍ୟ ଲେଖକ ଅନେକ ଯୋଗ୍ୟ ସମ୍ମାନରୁ ବଞ୍ଚିତ ହୋଇପାରନ୍ତି।

**ପାଠକୀୟ ପ୍ରତିକ୍ରିୟା ଲେଖକକୁ ଉତ୍ସାହିତ କରିଥାଏ। ବିଶେଷତଃ ନୂଆନୂଆ ଲେଖୁଥିବା ଲେଖକଟିକୁ ଏହା ପ୍ରେରଣା ଯୋଗାଇଥାଏ। ଗୋଟେ ସମୟରେ ପ୍ରଚୁର ପାଠକୀୟ ପ୍ରତିକ୍ରିୟା ମିଳୁଥିଲା। ଆପଣ ବି ଲେଖାଲେଖି ଆରମ୍ଭ କରୁଥିବାବେଳେ ଏଭଳି ମତାମତ ସବୁ ପାଇଥିବେ। କିନ୍ତୁ ଆଜିକାଲି ଏହା ମିଳୁନାହିଁ କାହିଁକି ? ଯୋଗାଯୋଗର ମାଧ୍ୟମ ବଢ଼ିଚାଲିଥିଲେ ମଧ୍ୟ କ'ଣ ପାଇଁ ଏତେ ପାଠକୀୟ ପ୍ରତିକ୍ରିୟା ମିଳୁନାହିଁ ? ଏମିତି ଯଦି ହୁଏ ଆମଭଳି ନବାଗତ ଲେଖକମାନେ କେମିତି ପ୍ରେରଣା ପାଇବେ ଲେଖିବା ପାଇଁ ? କେମିତି ଆମେ ସାହିତ୍ୟକୁ ଆଗେଇ ନେବୁ ?**

- ଏହାର ଉତ୍ତର ଦେବା ସହଜ ନୁହେଁ। କାରଣ ଯଦି ଆପଣଙ୍କ ଭିତରେ ପ୍ରେରଣା ବଳବତ୍ତର ରହିଥିବ, ତେବେ ଲେଖିବାର ଯୋଉ ସୃଜନାତ୍ମକ ଆନନ୍ଦ ସେ ଆନନ୍ଦ ଆପଣଙ୍କୁ ଲେଖେଇ ଚାଲିବ। ଯଦି ଆପଣ ପାଠକମାନଙ୍କଠୁ ପ୍ରତିକ୍ରିୟା ପାଉ ନାହାନ୍ତି, ତାହା ଆପଣଙ୍କୁ ଗୋଟାଏ ପ୍ରଶ୍ନବାଚୀ ଅବସ୍ଥାରେ ପକେଇ ଦେଇପାରେ। କିନ୍ତୁ ତାହା ଆପଣଙ୍କ ଲେଖନୀକୁ ସ୍ତବ୍ଧ କରିଦେଇ ପାରିବ ନାହିଁ।

**ଜଣେ ଯଦି କିଛି ପ୍ରତିକ୍ରିୟା ନ ପାଏ, କେମିତି ଜାଣିବ ଯେ ସେ ଠିକ୍ ବାଟରେ ବା ଅବାଟରେ ଯାଉଛି ?**

- ଛାଡ଼ିଦବ। ଲେଖିବ ନାହିଁ। ଯଦି ତା'ର ହତାଶା ଆସିଯିବ, ଜାଣିବ ଯେ ତା'ର ସେତିକି ଅବଦ ଦେବାର ଥିଲା, ଆଉ ବେଶୀ କିଛି ନାହିଁ। କ'ଣ କରାଯିବ ? ଆପଣ କ'ଣ କରିବେ ?

**ଇଲେକ୍ଟ୍ରୋନିକ୍ସ ମିଡିଆର ପ୍ରଭାବରେ ସୃଜନଶୀଳତା ଚାପି ହେଇ ଯାଉ ନାହିଁକି... ?**

- ନାଇଁ... ଯେତେବେଳେ ଟେକ୍ନୋଲୋଜି ତା' ନିଜ ରାସ୍ତାରେ ଯିବ; ସେ ଆମ ଜୀବନକୁ ଅନେକ ଭାବରେ ପ୍ରଭାବିତ କରିବ। ସାହିତ୍ୟ, ସଂସ୍କୃତିକୁ ପ୍ରଭାବିତ କରିବ। ଆଜି ତ କ୍ରିଏଟିଭ୍ ଆର୍ଟିଷ୍ଟ ଖୁବ୍ କମ୍ ଅଛନ୍ତି। ଅଧିକାଂଶ ଆର୍ଟିଷ୍ଟ ଆଜ୍ଜିଛନ୍ତି

## ମନୋଜ ଦାସଙ୍କ ସୃଷ୍ଟି ସମ୍ଭାର

### COLLECTION OF STORIES

1. A Song for Sunday and other stories (1967)
2. Short Stories by Manoj Das (1969)
3. The CrocodileÉs Lady and Other. Stories (1975)
4. Fables and Fantasies for Adults (1978)
5. Man who Lifted the Mountain and Other Stories (1979)
6. The Vengeance and Other Stories (1980)
7. The Submerged Valley and Other Stories (1986)
8. The Dusky Horizon and Other Stories (1989)
9. Mystery of the Missing Cap & Other Stories (1989)
10. Bulldozers & Fables and Fantasies for Adults (1990)
11. The Miracle (1993)
12. Farewel to Ghost (1994)
13. Fiction selected (2001)

### CHILDREN'S LITERATURE

1. Temples of India(1970)
2. Stories of Light and Delight (1970)
3. Tales from Many Lands(1972)
4. Persian Tales of Wit and Delight (1972)
5. Books for Ever (1973)
6. Rivers of India (1975)
7. A Bride Inside a Casket and Other Stories (1981)
8. The Fourth Friend (Novelette) (1996)
9. Legend of the Golden Valley (Novellette) (1996)
10. A Strange Prophecy (Tales) (1996)
11. The Magic Tree (Tales (1996)
12. Equal to a Thousand (Tales) (1996)
13. The Golden Deer (Tales) (1996)

### MISCELLANEOUS

1. Sri Aurobindo in the First Decade of the twentieth Century (1972)
2. Sri Aurobindo (1972)
3. Sri Aurobindo on Education (1999)
4. Myths, Legends, Concepts and Literary Antiquities of India (2009)
5. Streams of Yogic and Mystic Experience (2010) (Edited by Manoj Das)

### NOVEL

1. Cyclones
2. A Tiger at Twilight (1991)
3. The Escapist (2001)

କମ୍ପ୍ୟୁଟରରେ, ଏପଟ ସେପଟ କରିକି ସବୁ ସଜେଇ ଦେଇ କରିଦେଉଛନ୍ତି । ଯୋଉଟା କମର୍ସିଆଲ ଆର୍ଟ ତା'ର ଗୋଟେ ସ୍ୱତନ୍ତ୍ର ଗାମ୍ଭୀର୍ଯ୍ୟ ଥିଲା, ସେଇଟା ଆଜି ନାହିଁ ଆଉ । ସେଥିରେ ଆଉ ମୌଳିକତା ବୋଲି କିଛି ନାହିଁ ବୋଲି ଅନେକ କହନ୍ତି । ମୁଁ ଠିକ୍ ଜାଣେନା ।

**ଆମେ କିନ୍ତୁ 'କାଦମ୍ବିନୀ'ରେ ଦେଉଛୁ ?**

– 'କାଦମ୍ବିନୀ'ରେ ଦେଉଛନ୍ତି । ବାସ୍ । ଆପଣଙ୍କ ଭଳି ଭଲ ଗୁଣଗ୍ରାହୀ ସମ୍ପାଦକ ଅଛନ୍ତି । କିନ୍ତୁ ସେଇଭଳି ସାହିତ୍ୟ ଯଦି ଗୋଟେ ନିର୍ଦ୍ଦିଷ୍ଟ ଯାନ୍ତ୍ରିକ ଧାରାକୁ ଚାଲିଯାଏ, ଆମେ ତାକୁ କ'ଣ କରିପାରିବା ? ଆମେ ରୋକିପାରିବା ନାହିଁ । କାରଣ ସାହିତ୍ୟ ଆଜିର ସମାଜର ନୁହଁ, ହଜାର ହଜାର ବର୍ଷ ତଳର କଥା; ଯେତେବେଳେ ସାହିତ୍ୟ ପ୍ରଚାର ଉପରେ ନିର୍ଭର କରୁ ନ ଥିଲା; ବ୍ୟାସ, ବାଲ୍ମିକୀ ତାଙ୍କର ପାଣ୍ଡୁଲିପି ରଖି ଦେଇଗଲେ । ତାଙ୍କର ଯେଉଁମାନେ ଅନୁଗତ, ସେଇ ପାଣ୍ଡୁଲିପିକୁ ବାରମ୍ବାର କପି କରି ସେଇଆକୁ ବିତରଣ କଲେ । ଧୀରେଧୀରେ ଧୀରେଧୀରେ, ଏଭଳି ତା'ର ସାମ୍ରାଜ୍ୟ ବିସ୍ତାର କରିବା ଭଳି ଦିବ୍ୟଗୁଣ ରହିଛି ଯେ ସେ ପ୍ରକୃତରେ ସାହିତ୍ୟ ସାମ୍ରାଜ୍ୟ ସୃଷ୍ଟି କଲା । ବ୍ୟାସଙ୍କ ସାମ୍ରାଜ୍ୟ, ବାଲ୍ମିକୀଙ୍କ ସାମ୍ରାଜ୍ୟ ଏପରିକି ଆମର ବିଷ୍ଣୁ ଶର୍ମାଙ୍କ ସାମ୍ରାଜ୍ୟ - ଏସବୁ ସାମ୍ରାଜ୍ୟକୁ କେହି ପ୍ରତିହତ କରିପାରି ନାହିଁ କି କରିବ ନାହିଁ ମଧ୍ୟ । ଆକ୍ରମଣ କରିକି ଦବେଇ ଦେଇ ପାରିବ ନାହିଁ । ତେଣୁ ଆଜି ଯଦି ସାହିତ୍ୟିକ କିଞ୍ଚିତ ମାତ୍ରାରେ ସେଇଭଳି ପ୍ରେରଣାକୁ ଆଧାର କରିକି ଆଗକୁ ବଢୁ ନ ଥିବ ତେବେ ସେ ହତାଶ ହେଇଯିବ । ହତାଶାରେ ରହିଯିବ । କ'ଣ କରାଯିବ ସେ ପାଇଁ ?

**ନୂଆପିଢ଼ିର ସାହିତ୍ୟିକଙ୍କୁ ଆପଣ କ'ଣ କହିବେ ?**

– ନିଜ ପ୍ରେରଣା ପ୍ରତି ସତ୍ ରୁହ ଏବଂ ଯେପର୍ଯ୍ୟନ୍ତ ଲେଖିବାର ସ୍ପୃହା ରହିଛି, ଲେଖି ଚାଲ । ଖୁବ୍ ବେଶୀ ସମସାମୟିକ ସମାଜର ପ୍ରତିକ୍ରିୟା ଉପରେ ନିର୍ଭର କରନା । ସେମାନଙ୍କର ବୋଧଶକ୍ତି ସବୁବେଳେ ଅନେକ ପ୍ରକାର ଭାବ ଦ୍ୱାରା ଅନେକ ପ୍ରକାର ଗୋଷ୍ଠୀଗତ ପକ୍ଷପାତିତାଠାରୁ ଆରମ୍ଭ କରି ରାଜନୈତିକ ଆଦର୍ଶ ପର୍ଯ୍ୟନ୍ତ ବହୁ ପ୍ରକାର ଉପଲବ୍ଧି ଦ୍ୱାରା ପ୍ରଭାବିତ । ସେସବୁ ପ୍ରତି ଧ୍ୟାନ ନ ଦେଇ ଜଣେ ଯଦି ଲେଖିଚାଲେ, ତା'ହେଲେ ବୁଝିବାକୁ ପଡ଼ିବ ଯେ ତା'ର ପ୍ରେରଣା ସତ୍ ଏବଂ ସେଇ ଲେଖିବା ଦ୍ୱାରା ତାକୁ ଯେଉଁ ସନ୍ତୁଷ୍ଟି ମିଳିବ ସେଇଟା ଯେକୌଣସି ପୁରସ୍କାରଠୁ ମଧ୍ୟ ଅଧିକ । ଏଭଳି ଆତ୍ମବିଶ୍ୱାସ ଥିବା ଦରକାର । ଯଦି ନ ଥିବ ତ କିଛି ଦରକାର ନାହିଁ, ଲେଖକ ଆମର ଅଭାବ ନାହାନ୍ତି । ଅନେକ ଲେଖକ ଝରିପଡ଼ିବେ, ଅନେକ ଲେଖକ ବର୍ତ୍ତି ରହିବେ । ପୃଥିବୀର ଗତି ହେଉଛି ସେଇଟା, ଆପଣ କ'ଣ କରିବେ !

**ଆମେ ଯଦି ଜଗତୀକରଣକୁ ଆମ ଆଲୋଚନା ପରିସରକୁ ନେବା, ତେବେ ସାଂପ୍ରତିକ ସମୟରେ ସାହିତ୍ୟର ଗତି କୁଆଡ଼େ ବୋଲି ଆମେ ଭାବିବା ?**

– ଜଗତୀକରଣର ଦୁଇଟା ଦିଗ ଅଛି । ତା'ର ଆର୍ଥନୀତିକ, ରାଜନୈତିକ ଦିଗ କଥା ଅଲଗା, କିନ୍ତୁ ତା'ର ସୃଜନାତ୍ମକ ଦିଗ କଦାପି ଅଶୁଭ ନୁହେଁ । କାରଣ ଆପଣଙ୍କର ସାହିତ୍ୟ ଯଦି ବିଶ୍ୱରେ ପ୍ରଚାରିତ ହୁଏ, ଯଦି ତାକୁ ଭାରତବର୍ଷର ବାହାରେ ଶହେ ଲୋକ ପଢ଼ନ୍ତି , ତାଙ୍କ ଭିତରୁ ଜଣେ ଗୁଣଗ୍ରାହୀ ଲୋକ ଯଦି ତା'ଦ୍ୱାରା ପ୍ରଭାବିତ ହୁଏ, ତା'ର ଜୀବନର ଧାରଣା ଯଦି ବଦଳିଯାଏ, ତା'ର ଜୀବନର ଆଭିମୁଖ୍ୟ ଯଦି ବଦଳିଯାଏ, ତେବେ ସେଥିରେ କ୍ଷତି କ'ଣ ? ସେ ତ ସାହିତ୍ୟର ଗୋଟାଏ ନିର୍ଦ୍ଦିଷ୍ଟ ମର୍ଯ୍ୟାଦାର ପରିଚୟ

### ପ୍ରାପ୍ତ ପୁରସ୍କାର

- ପଦ୍ମଶ୍ରୀ ସମ୍ମାନ
- ସରସ୍ୱତୀ ସମ୍ମାନ
- କେନ୍ଦ୍ର ସାହିତ୍ୟ ଏକାଡେମୀର ସର୍ବୋଚ୍ଚ ସମ୍ମାନ 'ଫେଲୋସିପ୍'
- କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର
- ଅତିବଡ଼ୀ ଜଗନ୍ନାଥ ଦାସ ପୁରସ୍କାର
- ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର
- ସାରଳା ପୁରସ୍କାର ସହ ଅନ୍ୟ ଅନେକ ପୁରସ୍କାର ଓ ସମ୍ବର୍ଦ୍ଧନା ।


ସମ୍ମାନ ଫଳକ

ଦେଉଛି । ତେଣୁ ଜଗତୀକରଣ ସାହିତ୍ୟ ପ୍ରତି କ୍ଷତିକାରକ ନୁହେଁ । ଠିକ୍ କି ଭୁଲ; ସେଇଟା ଅର୍ଥନୀତି, ରାଜନୀତି କ୍ଷେତ୍ରରେ ପ୍ରଯୁଜ୍ୟ । ସେ ପ୍ରଶ୍ନ ସାହିତ୍ୟ କ୍ଷେତ୍ରରେ ନୁହେଁ । ସାହିତ୍ୟ ଯୁଗେ ଯୁଗେ, ଜଗତୀକରଣ ହେଉଛି ଧୀରେ ଧୀରେ, ଧୀରେ ଧୀରେ । ସାରା ପୃଥିବୀର ସାହିତ୍ୟକୁ ପଞ୍ଚତନ୍ତ୍ର ପ୍ରଭାବିତ କରିଛି । କେତେକ ଗବେଷକ କହନ୍ତି, ହୋମରଙ୍କର ଇଲିୟଡ୍ ମଧ୍ୟ ରାମାୟଣର ଗଳ୍ପଦ୍ୱାରା ପ୍ରଭାବିତ ହୋଇଥିଲା । ଆପଣ ଦେଖିବେ, ଆମର ପଞ୍ଚତନ୍ତ୍ରର ପ୍ରଭାବ ବାଇବେଲର ଓଲ୍ଡ ଟେଷ୍ଟାମେଣ୍ଟ, ଆରବୀୟାନ ନାଇଟ୍ସଠୁ ଆରମ୍ଭ କରି ସବୁ ସାହିତ୍ୟକୁ ପ୍ରଭାବିତ କରିଛି । ତେଣୁ ଜଗତୀକରଣର ପ୍ରକ୍ରିୟା ଆରମ୍ଭରୁ ଚାଲିଥିଲା ଏବଂ ଆଜି ତାହା କ୍ଷିପ୍ରତର ହୋଇଛି, କ୍ଷତି କ'ଣ ?

**ମନୋଜ ଦାସଙ୍କର ପାଠକମାନଙ୍କ ସହିତ ସଂଯୋଗର ସେତୁଟି କ'ଣ ?**

– ଆଦାନ ପ୍ରଦାନ । ଭାବର ଆଦାନ ପ୍ରଦାନ । ଅବଶ୍ୟ ଆଦାନ ବେଶୀ ନାହିଁ, ପ୍ରଦାନ ହିଁ ମୁଖ୍ୟ । ସେଇଟା ହେଉଛି ଜଣେ ସୃଜନଶୀଳ ଲେଖକର ଭୂମିକା, କିନ୍ତୁ ସେ ଯାହା ଦେଉଛି ସେଇଟା ସେ ପୂର୍ବରୁ ପାଇଛି । ପାଇଛି ବୋଲି ଦେଉଛି । ପ୍ରଥମତଃ ପାଇଛି ଦିବ୍ୟଶକ୍ତିଠାରୁ । ଦ୍ୱିତୀୟତଃ ପାଇଛି ତା'ର ପରିବେଶ, ପରିସ୍ଥିତି ଏବଂ ସମାଜ, ଜନସାଧାରଣ, ପାଠକ ସମାଜ-ଏମାନଙ୍କଠାରୁ ।

**ପୁନର୍ଜନ୍ମରେ ବିଶ୍ୱାସ କରନ୍ତି ?**

– ପୂରାପୂରି ବିଶ୍ୱାସ କରେ । ବିଶ୍ୱାସ ନୁହେଁ, ଅଭିଜ୍ଞତା ଏ ପରିସରର ଅନ୍ତର୍ଭୁକ୍ତ । ସେ ପ୍ରସଙ୍ଗର ବ୍ୟାଖ୍ୟା ଦେବା ସମ୍ଭବପର ନୁହେଁ ।

**ତେବେ ପରବର୍ତ୍ତୀ ଜନ୍ମରେ ପୁଣିଥରେ ମନୋଜ ଦାସ ହେଇ ଜନ୍ମ ନେବାକୁ ଚାହିଁବେ କି ?**

– ତାହେଲେ ଆଉ ବିକାଶ କ'ଣ ହେଲା ? ମୋର ନିଜର ବିକାଶ ଦୃଷ୍ଟିରୁ, ମୋ ଚୈତ୍ୟସତ୍ତାର ବିକାଶ ଦୃଷ୍ଟିରୁ, ମୋର ଭବିଷ୍ୟତ ଦୃଷ୍ଟିରୁ ଯଦି ବିଧାତା ଚାହୁଁଥିବ ମୋତେ ଆଉ ଏକ ପରିବେଶରେ ସଂପୂର୍ଣ୍ଣ ଭିନ୍ନ ପ୍ରକାର ଅଭିବୃଦ୍ଧିର ମାର୍ଗ ଦେଇ ଯିବାକୁ ପଡ଼ିବ ତେବେ ସେଇଟା ସେ ସିଦ୍ଧାନ୍ତ କରିବେ । ମୋର ଆତ୍ମା ସିଦ୍ଧାନ୍ତ କରିବ । ଆତ୍ମା ସହିତ ମୋର ଯେତେବେଳେ ନିବିଡ଼ ସଂପର୍କ ଥିବ ବୁଝିପାରିବି କେଉଁ ପ୍ରକାର ଜୀବନ ମୁଁ ନେବାକୁ ଯାଉଛି; କିନ୍ତୁ ତାକୁ ନିୟନ୍ତ୍ରଣ କରିବାର ଅଧିକାର ମୋର ନାହିଁ କି ସେ ସଂପର୍କରେ କୌଣସି ପ୍ରକାର ସର୍ତ୍ତ ଦେବାର ଅଧିକାର ମୋର ନାହିଁ କିମ୍ବା ସ୍ୱାର୍ଥ ବି କିଛି ନାହିଁ । ଠିକ୍ ମନୋଜ ଦାସ ହୋଇ ଜନ୍ମଗ୍ରହଣ କରିବାର ପ୍ରଶ୍ନ ଉଠୁନାହିଁ ।

**ଗୋଟିଏ ପଟେ ଇଂରାଜୀ ଶିକ୍ଷାର ପ୍ରଭାବରେ ପ୍ରଭାବିତ ପାଠକ ଓଡ଼ିଆ ଭାଷାଠୁ ଦୂରେଇ ଦୂରେଇ ଯାଉଥିବା ବେଳେ ଅନ୍ୟପଟେ ଓଡ଼ିଆ ଭାଷା**

**ଶାସ୍ତ୍ରୀୟ ମାନ୍ୟତା ପାଇଲା । ଆମେ ଆମ ଭାଷାର ଭବିଷ୍ୟତ କ'ଣ ବୋଲି ଭାବିବା ?**

– ଭବିଷ୍ୟତବାଣୀ କରିବା ତ ସମ୍ଭବପର ନୁହେଁ, କାହାରି ପକ୍ଷରେ ନୁହେଁ, ମୋ ପକ୍ଷରେ ତ କଦାପି ନୁହେଁ । କିନ୍ତୁ ଗୋଟାଏ କଥା ମୁଁ କହିବି ଯେ ଆମର ସାମୂହିକ ଦୁର୍ବଳତା ଏ ପରିସ୍ଥିତି ପାଇଁ ଦାୟୀ । ଆମେ ଧରିନେଇଛୁ ଯେ ପିଲାଟି ଇଂରାଜୀ ଶିଖିବାକୁ ହେଲେ ମାତୃଭାଷା କମ୍ ଶିଖିବା ଦରକାର, ଅବଚେତନ ଭାବରେ ଆମର ସେ ଧାରଣା ରହିଛି । ସେଇଟା ଭୁଲ୍ । ଗୋଟେ ପିଲା ଭିତରେ ଛଅ, ସାତଟା ଭାଷା ଅବଲୀଳା କ୍ରମେ ଆୟତ୍ତ କରିବାର ଶକ୍ତି ରହିଛି । ଆମର ଅଭିଜ୍ଞତା ଦେଖାଇଛି ସେ କଥା । ଆମର ପଣ୍ଡିଚେରୀସ୍ଥ ସେଣ୍ଟର୍ ଅଫ୍ ଏଜୁକେଶନ୍‌ରେ ପିଲାମାନେ ବହୁତ ଭାଷା ଜାଣନ୍ତି । ସେମାନେ ବୁଝିପାରୁନାହାନ୍ତି କେତେବେଳେ ତାକୁ ଶିଖୁଛନ୍ତି ବୋଲି । ସ୍କୁଲରେ ପିଲା ଇଂରାଜୀ ପଢ଼ିଲେ ବି ଯଦି ଆମ ଘରେ ବାପାମା' ପିଲା ସହିତ ଶୁଦ୍ଧ ଓଡ଼ିଆରେ କଥାବାର୍ତ୍ତା କରନ୍ତେ, ଏ ସମସ୍ୟା ରହନ୍ତା ନାହିଁ । କୌଣସି ଭାଷା ଅନ୍ୟ ଭାଷା ପାଇଁ ବିପଜ୍ଜନକ ନୁହେଁ । ମନସ୍ତତ୍ତ୍ୱବିତ୍‌ମାନେ କହୁଛନ୍ତି – ଯେଉଁ ପିଲା ଏକାଧିକ ଭାଷା ଜାଣେ ତା'ର ବୌଦ୍ଧିକ ବିକାଶ କ୍ଷିପ୍ରତର ହୁଏ । ମାତୃଭାଷା ଓଡ଼ିଆ ପ୍ରତି ଲୋକଙ୍କର ଆଦର କମିଯାଇଛି ବୋଲି ଆମେ ଯାହା ଭାବୁଛୁ, ଆଦର କମିବାର କୌଣସି କାରଣ ନାହିଁ । କିନ୍ତୁ ଭାଷାକୁ ଗୋଟାଏ ବ୍ରତ ଭାବରେ ଗ୍ରହଣ କରି ଯଦି ଆପଣ ପିଲାକୁ ନ ଶିଖେଇବେ, ଘରେ କଥାବାର୍ତ୍ତା ନ କରିବେ କିଏ ରକ୍ଷା କରିପାରିବ ଆପଣଙ୍କ ଭାଷାକୁ ? କେହି ରକ୍ଷା କରିପାରିବେ ନାହିଁ ।

**ତା'ହେଲେ ଆମ ଭାଷାକୁ ସୁରକ୍ଷିତ ରଖିବା ପାଇଁ ହେଲେ ଆମକୁ କ'ଣ କରିବାକୁ ପଡ଼ିବ ?**

– ନିଶ୍ଚିତ ଭାବରେ ଆମର ଯେଉଁ ପରବର୍ତ୍ତୀ ପିଢ଼ି ସେମାନେ ଯେମିତି ଭାଷା ପ୍ରତି ଅନୁରକ୍ତି ପୋଷଣ କରିବେ, ସେଇଟା ପ୍ରଥମ ଦାୟିତ୍ୱ ବାପା ମା'ଙ୍କର । ଦ୍ୱିତୀୟ ଦାୟିତ୍ୱ ବିଦ୍ୟାଳୟର ଶିକ୍ଷକମାନଙ୍କର । ଆଉ କାହାରି କଥା ଆମେ କହିବା ଦରକାର ନାହିଁ । ସମଗ୍ର ସମାଜ ସେପାଇଁ ସଚେତନ ନ ହୋଇ ପାରେ । କିନ୍ତୁ ଏଇ ଦୁଇପକ୍ଷ ଅର୍ଥାତ ଅଗ୍ରଜ ଯେଉଁମାନେ, ପରିବାରର ମୁରବି, ଏବଂ ଶିକ୍ଷକମାନେ ଯଦି ଅବହିତ ରହିବେ ତାଙ୍କର କର୍ତ୍ତବ୍ୟ ସଂପର୍କରେ, ସେମାନେ ଦେଖିବେ ଯେ ପିଲାଟି ଯେମିତି ତା'ର ମାତୃଭାଷାକୁ ସଂପୂର୍ଣ୍ଣ ଭଲଭାବରେ ଜାଣିବାର ସୁଯୋଗ ପାଉ । ସେଇଟା କରିପାରିବେ ସେମାନେ । ଖାଲି ଦୃଷ୍ଟିକୋଣ ବଦଳେଇ ଦେଲେ ହେଲା । ଏପାଇଁ କିଛି ଗୋଟେ ନିର୍ଦ୍ଦିଷ୍ଟ ପରିଶ୍ରମ କରିବାକୁ ପଡ଼ିବ ନାହିଁ । ଏବଂ ସେ ଇଂରାଜୀ ଶିଖୁ । ଉଭୟ ଭାଷା ସେ ଭଲଭାବରେ ଶିଖିପାରିବ । ଏମିତି ଦୃଷ୍ଟିକୋଣ ଯଦି ବିକାଶକରି ନ ପାରିବା; ତେବେ



ତାକୁ ଗୋଟିଏ ଜାତୀୟ ଦୁର୍ଭାଗ୍ୟ ବୋଲି କୁହାଯିବ । ଆଉ ମଣିଷ ଯେତେବେଳେ ସାମୂହିକ ଭାବରେ ଦୁର୍ଭାଗ୍ୟର ପଥକୁ ଆଦରି ନିଏ, ତାକୁ କିଏ ରୋକି ପାରିବ ? ଭବିଷ୍ୟତବାଣୀ କରିବା ସମ୍ଭବପର ନୁହେଁ ।

**ପିଲାଙ୍କ ପାଇଁ ମଧ୍ୟ ଆପଣ ଅନେକ ସାହିତ୍ୟ ସୃଷ୍ଟି କରିଛନ୍ତି । ସେମାନଙ୍କୁ କ'ଣ କହିବେ ?**

– ଯାହା କହିବାର କଥା ତାହା ମୋର ଗଳ୍ପ ଜରିଆରେ ମୁଁ ପିଲାଙ୍କୁ କହିଛି ।

**'କାଦମ୍ବିନୀ' ଓଡ଼ିଶାର ସର୍ବପ୍ରଥମ ମାସିକ ପାରିବାରିକ ପତ୍ରିକା । ପିଲାଠାରୁ ବୟସ୍କଙ୍କ ପର୍ଯ୍ୟନ୍ତ ପରିବାରର ସମସ୍ତ ସଦସ୍ୟ 'କାଦମ୍ବିନୀ'ର ପାଠକ । 'କାଦମ୍ବିନୀ'ର କୁନି ପାଠକମାନଙ୍କ ପାଇଁ କିଛି କୁହନ୍ତୁ !**

– ପିଲାଙ୍କ ପାଇଁ ମୁଁ ଏଇଆ କହିବି ଯେ- ମନେରଖ, ତମେ ଏଇ ମୁହୂର୍ତ୍ତରେ ପିଲା ବୋଲି ପରିଗଣିତ ହେଉଛ । କିନ୍ତୁ ତମେ ଗୋଟାଏ ଏଭଳି ଏକ ଠିକ୍ ଆତ୍ମା, ଯେ କି ବହୁ ଜନ୍ମ ପିଲା ଭାବରେ ବ୍ୟତୀତ କରି ଏବଂ ବୟସ୍କ ହୋଇ ତା'ପରେ ପୁଣି ପିଲାଭାବରେ ଜନ୍ମଗ୍ରହଣ କରିଛ । ଏକ ଅନନ୍ତ ଯାତ୍ରାପଥର ଯାତ୍ରୀ ତମେମାନେ । ନିଜକୁ ସୀମିତ ମନେକରନା କିମ୍ବା ତୁମେ ମନେକରନା ଯେ ମୁଁ ପିଲା ତେଣୁ ମୋର ବୋଧଶକ୍ତି ଆଜି ଖୁବ୍‌କମ୍, ଏ କଥା ବିଶ୍ୱାସ କରନା । କାରଣ ପ୍ରତ୍ୟେକ ପିଲାର ଅନ୍ତରାତ୍ମା ଭିତରେ ସମଗ୍ର ଜ୍ଞାନ ନିହିତ ରହିଛି । ଏଇ ବିଶ୍ୱାସରେ ସେମାନେ ଗରୀୟାନ ହେବା ପ୍ରୟୋଜନ ବୋଲି ମୁଁ କହିବି ।

**ମଣିଷ ଜୀବନରେ ସ୍ୱପ୍ନର ଭୂମିକା ନିଶ୍ଚିତ ରହିଛି । ଏଥିରେ ଆପଣ ଏକମତ ହେବେ ବୋଲି ମୁଁ ଭାବୁଛି ।**

– ପ୍ରତି ମୁହୂର୍ତ୍ତରେ ତ ଆମେ ଭବିଷ୍ୟତ କଥା ଭାବୁଛୁ । ଆମେ ଆମର ପ୍ରତି ପଦକ୍ଷେପ ନେବା ପୂର୍ବରୁ ଆମେ କ'ଣ ଜାଣୁଛୁ କୁଆଡ଼େ କୁଆଡ଼େ ଯାଉଛୁ ? ଏସବୁ ହେଉଛି ଗୋଟେ ସ୍ଥୂଳ ଜୀବନର ଚିତ୍ର । ଆଉ ଯାହା ଭିତରେ ଟିକିଏ କଳ୍ପନା ଶକ୍ତି ଥିବ, ଯାହା ଭିତରେ ଜୀବନ ପ୍ରତି ଗୋଟାଏ ଅଙ୍ଗୀକାର ଥିବ, ସେ ନିଶ୍ଚୟ ଜୀବନର ଉତ୍ତରୋତ୍ତର ସୋପାନ ଆରୋହଣ କରିବା ଦିଗରେ ସ୍ୱପ୍ନ ଦେଖୁଥିବ । ତେଣୁ ସ୍ୱପ୍ନ ଏଇ ଦୃଷ୍ଟିରୁ ଗୋଟାଏ ଦିଗ୍‌ଦର୍ଶନ ଦିଏ । ସ୍ୱପ୍ନରେ ଯେଉଁ ପ୍ରକାର କଳ୍ପନା, ଯୋଉ ପ୍ରକାର ସୃଜନଶୀଳ ଆଶା ଭରସା ଥାଏ ତାହା ପ୍ରତ୍ୟେକ ପ୍ରଗତିଶୀଳ ଜୀବନ ପାଇଁ ଅନିବାର୍ଯ୍ୟ । କିନ୍ତୁ ଯେଉଁଠି ସେଇ ଗୋଟିକ ହୋଇଥାଏ ଅହଂମୁଖୀ, ସ୍ୱାର୍ଥମୁଖୀ, ନିଜର ବ୍ୟକ୍ତିଗତ ଉନ୍ନତି-ସର୍ବସ୍ୱ ଯଦି ଜଣେ ଭାବିନିଏ ଯେ ସେ ଏଇଆ କଲେ ସୁଖୀ ହୋଇପାରିବ ବିଧିର ବିଧାନରେ ପରିସ୍ଥିତି ଅନ୍ୟ ପ୍ରକାର ହୋଇଯାଏ । ଜଣେ ଯଦି ପ୍ରକୃତ ପ୍ରଗତି ଚାହୁଁଥିବ ସେତେବେଳେ ସ୍ୱୀକାର କରିନେବ ଯେ ତା'ର ସ୍ୱପ୍ନ ଯେତେବେଳେ ବିଫଳ ହେଉଛି ସେତେବେଳେ ଏକ ଭିନ୍ନ ସ୍ୱପ୍ନ, ଏକ ଭିନ୍ନ ଗୁଣର ସ୍ୱପ୍ନ ସେ ସ୍ଥାନ ନେଉଛି । ସେଇ ସ୍ୱପ୍ନ ମହତ୍ତର ହୋଇଥାଇପାରେ । ସେ ଭାବିବା ଉଚିତ ମୁଁ ତ ଅଜ୍ଞାନ, ମୁଁ କାହିଁକି ଏଇ ପରିବେଶରେ ଜନ୍ମଗ୍ରହଣ କଲି ମୁଁ ଜାଣେନା । ପୁଣି ମୁଁ ଜାଣିନଥିଲି ମୋର ବାପାମା' କିଏ ହେବେ, ସେଇଟା ମୁଁ ସିଦ୍ଧାନ୍ତ କରିନାହିଁ । ସେମିତି ମୋଠୁ ଅଧିକ ଜାଣିଥିବା ଯେଉଁ ଶକ୍ତି ମୋତେ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ଜନ୍ମ ଦେଇଥିଲା, ଯେତେବେଳେ ମୋର ଆପାତ ଦୃଷ୍ଟିରେ ଗୋଟିଏ ସ୍ୱପ୍ନ ବିଫଳ ହେଉଚି ସେତେବେଳେ ମୁଁ ଜାଣିବା ଉଚିତ ଯେ ସେ ଶକ୍ତିର ଏକ ସ୍ୱପ୍ନ ରହିଛି ଯାହା ସେ ମୋର ସୂକ୍ଷ୍ମ

ଜୀବନରେ ସଫଳ କରିବାକୁ ଚାହେଁ। ଏଇ ଯୋଉ ବିଶ୍ୱାସ, ଏଇ ଯୋଉ ଆସ୍ଥା, ଏ ପ୍ରକୃତରେ ଆମର ଜୀବନକୁ ଗୋଟାଏ ସଚଳ ଏବଂ ଗୋଟାଏ ନିଶ୍ଚିତ ଆସ୍ଥାର ଆଧାର ଯୋଗାଇ ଦେଇ ପାରିବ।

**ଆପଣଙ୍କ ଜୀବନରେ ବୋଧହୁଏ ଆଉ କିଛି ଅବସୋସ ରହିନଥିବ ?**

– ସମସ୍ତଙ୍କ ଜୀବନରେ ଯାହାସବୁ ଅନୁଭୂତି ଅଭିଜ୍ଞତା ରହିଛି ସେମିତି ମୁଁ ତା' ଭିତରୁ ବିଚ୍ୟୁତ କେମିତି ହେବି ? ମୋର କାହିଁକି ଅବସୋସ ରହିବ ନାହିଁ ? ସାହିତ୍ୟ ପାଇଁ ବି ମୋର ଅବସୋସ ରହିଛି ନିଶ୍ଚୟ। ଅନେକ ସମୟରେ ଗୋଟେ ବିରାଟ ଭଲ ଜିନିଷ ଲେଖିବାକୁ ଚାହିଁଥିବି କିନ୍ତୁ ମୋର ସେତେବେଳେ କୌଣସି ଖବରକାଗଜରେ ଲେଖିବା ଦରକାର ଥିବ। ଯେହେତୁ ଅନ୍ୟ କିଛି ସ୍ଥୂଳ ଆବଶ୍ୟକତା ଥିବ, ଯୋଉଥିପାଇଁ ମୋତେ ଲେଖିବାକୁ ପଡ଼ିବ, ଜବାବ୍ ଦେଇଥିବି ଗୋଟେ ଲେଖିବା ପାଇଁ। ସେତେବେଳେ ମୋତେ ସମୟ ଦେବାକୁ ପଡ଼ିଛି ସେ ପାଇଁ। ବହୁତ ପ୍ରକାର ବହିସବୁ ପଢ଼ିବାକୁ ପଡ଼ିଛି ସେ ପାଇଁ। ଗୋଟାଏ ସମସାମୟିକ ଘଟଣା ଉପରେ ମତାମତ ପ୍ରକାଶ କରି ଲେଖିବା ପାଇଁ ହେଲେ ଅନେକ ଜିନିଷ ପଢ଼ିବାକୁ ପଡ଼େ। ଅନେକ ସମୟରେ ସେଗୁଡ଼ିକ ମୋର ସୃଜନଶୀଳ ଶକ୍ତିକୁ ବ୍ୟାହତ କରିଛି। ମୋତେ ଦୂରେଇ ନେଇଛି। ଏ ସବୁ ଅବସୋସ ରହିଛି। କିନ୍ତୁ ତା'ଉପରେ ବିଶେଷ ଗୁରୁତ୍ୱ ଦିଏନା, କାରଣ ଯାହାକିଛି ଘଟିଛି, ଘଟିଛି।

**ଜଣେ ଭଲ ସୃଜନଶୀଳ ଲେଖକ ହେବା ପାଇଁ ବହୁତ ବେଶୀ ପଢ଼ିବା ପାଇଁ ଉପଦେଶ ଦିଆଯାଇଥାଏ। ଏହା କେତେ ଦରକାରୀ ?**

– ଏ ସବୁ ଅତି ହାଲୁକା ଧରଣର ଉପଦେଶ। ଏଇଟା ଠିକ୍ ନୁହେଁ। ମୋର ତ ସେଇଭଳି ମନେହୁଏନା। କାରଣ କାଳିଦାସ କେତେ ପଢ଼ିଥିବେ ? ଏପରିକି ରବିନ୍ଦ୍ରନାଥ ଠାକୁର କେତେ ପଢ଼ିଥିବେ ? ଆମର ବ୍ୟାସ, ବାଲ୍ମିକୀ କେତେ ପଢ଼ିଥିବେ ? ନା' ପାଠାଗାର ଥିଲା, ନା' ସେତେବେଳେ ଆର୍କାଇଭସ୍ ଥିଲା, ନା' ସେତେବେଳେ ଟେଲିଭିଜନ ଥିଲା ? କ'ଣ, କେମିତି ପଢ଼ିବେ ସେମାନେ ?

**ଏବେ ଆପଣ କ'ଣ ଲେଖୁଛନ୍ତି ?**

– ଏବେ ମୁଁ ଗୋଟେ ବିରାଟ ଯୋଜନା ହାତକୁ ନେଇଛି। ଶ୍ରୀଅରବିନ୍ଦଙ୍କର ଜୀବନୀ ଲେଖୁଛି ଇଂରାଜୀରେ ଏବଂ 'ମଦର ଇଣ୍ଡିଆ' ବୋଲି ଆମର ଆଶ୍ରମର ଯୋଉ ମାସିକ ପତ୍ରିକା, ପ୍ରାୟ ଅଢ଼େଇ ବର୍ଷରୁ ତିନିବର୍ଷ ଧରି ବାହାରିଲାଣି ସେଇଟା। ସେଇଥିରେ ଅନେକ ଅଜଣା ତଥ୍ୟ, ଅନେକ ସାଂକାନ୍ତିକ ତଥ୍ୟ ସଂଗ୍ରହ କରି ତାଙ୍କର ଜୀବନକୁ ଏକ ପରିପୂର୍ଣ୍ଣ, ପରିପୂର୍ଣ୍ଣ ତ କେବେ କରିହବନି, ପୂର୍ଣ୍ଣତଃ ରୂପ ଦାନ କରିବାର



ଚେଷ୍ଟା କରୁଛି। ମୋର ବହୁତ ସମୟ ସେଇପାଇଁ ଉପଯୋଗ କରୁଛି ଏବଂ ସନ୍ତୁଷ୍ଟ ମୁଁ ସେଥିପାଇଁ।

**ଆଉ ସୃଜନଶୀଳ ଲେଖା କିଛି ?**

– ଆପାତତଃ କିଛି ନାହିଁ; ତେବେ ଯା'ର ଅର୍ଥ ନୁହେଁ ଯେ ମୁଁ ଲେଖିବି ନାହିଁ। ଅଛି, ଯୋଜନା ରହିଛି। ଅଶୀ ବର୍ଷ ପରର ସମୟ ସୀମା ମୁଁ ଜାଣେ, ଜୀବନରେ ଏଭଳି ଗୋଟେ ପର୍ଯ୍ୟାୟ ଆସେ ଯୋଉଠି ସବୁକିଛି ଅନ୍‌ପ୍ରେଡ଼ିକ୍ଟବଲ। କିଛି କହିହେବ ନାହିଁ ଭବିଷ୍ୟତର କଥା।

**ବୟସ କ'ଣ ସତରେ ମଣିଷ ଉପରେ ବହୁତ ଛାପ ଛାଡ଼େ ?**

– ଛାଡ଼ିବା ଉଚିତ୍। ନ ଛାଡ଼ିଲେ ମୂଢ଼ତା ହେବ। ପ୍ରକୃତି କେତେ ପ୍ରକାର ଚେତେଇ ଦିଏ ମଣିଷକୁ; ଦାନ୍ତ ପଡ଼ିଯିବ ଦିନେ, ସେ କହିଦିଏ ଯେ ବହୁତ କିଛି ଖାଇଲୁ; ବର୍ତ୍ତମାନ ଟିକିଏ ଭିନ୍ନ ପ୍ରକାର ଭୋଜନ ପାଇଁ ଚେଷ୍ଟା କର। କିଛି ଆତ୍ମାର ଖାଦ୍ୟ ପାଇଁ ଅନ୍ୱେଷଣ କର। କାନକୁ ଟିକେ କମ୍ ଶୁଭିବ। ବହୁତ ଶୁଣିଲୁ। ବର୍ତ୍ତମାନ ଟିକେ ନିଜର ଅନ୍ତରର ବାଣୀ ଶୁଣିବାକୁ ଚେଷ୍ଟା କର। ଆଖି ଖରାପ ହେଇଯିବ, ପ୍ରକୃତି କହିବ, ଦେଖ ବର୍ତ୍ତମାନ ଟିକେ ଦିବ୍ୟଦୃଷ୍ଟି ପ୍ରକାଶ ପାଇଁ ଚେଷ୍ଟା କର। ବହୁତ କିଛି ଦେଖିଲୁ। ଏସବୁ ତ ପ୍ରକୃତିର ଇଙ୍ଗିତ। ତେଣୁ ବୟସଟା କିଛି ଖରାପ କଥା ନୁହେଁ କିମ୍ବା ସେମିତି ସଚେତନ ହେବାଟା କିଛି ଖରାପ କଥା ନୁହେଁ। ସଚେତନ ହେବା ବରଂ ବିଜ୍ଞତାର ପରିଚୟ।

**ଧର୍ମ କରିବା ପାଇଁ କ'ଣ ବୟସର ଗୋଟେ ନିର୍ଦ୍ଦିଷ୍ଟ ସୀମା ରହିବା ଦରକାର ?**

– ନା, ନା, ମୋତେ ନୁହଁ, ମୋତେ ନୁହଁ, ମୋତେ ନୁହଁ। ଧର୍ମ ମାନେ ଆପଣ କ'ଣ ବୁଝୁଛନ୍ତି ମୁଁ ଜାଣେନି। ସାରା ଜୀବନ ହେଉଛି ଗୋଟେ ଅନ୍ୱେଷଣ ଏବଂ ସେ ଅନ୍ୱେଷଣ ପାଇଁ କୌଣସି ବୟସର ନିର୍ଦ୍ଦିଷ୍ଟ କୋଟା ନାହିଁ ଯୋଉ ମୁହୂର୍ତ୍ତରେ ଆପଣ ସଚେତନ ହେବେ ଯେ ଜଣେ ଜୀବନକୁ ଯେମିତି ଭାବରେ ଗ୍ରହଣ କରିନେଇଛି ସେଇଟା ସ୍ଥୂଳ ଜୀବନ, ତା'ର ଭିନ୍ନ ଅର୍ଥ ନିଶ୍ଚୟ ରହିଛି, ତାହାର ମହତ୍ତର ଅର୍ଥ ନିଶ୍ଚୟ ରହିଛି, ସଂଧାନ ସେବେଠୁ ଆରମ୍ଭ ହେବ। ସେଇଟା ହେଉଛି ପ୍ରକୃତ ସ୍ୱଧର୍ମ। ପ୍ରତ୍ୟେକ ମଣିଷର ସ୍ୱଧର୍ମ ହେଉଛି ନିଜ ଜୀବନର ଲକ୍ଷ୍ୟ ଆବିଷ୍କାର କରିବା, ନିଜକୁ ଜାଣିବା। ଯେଉଁ ମହାଶକ୍ତି ଆମକୁ ପରିଚାଳିତ କରୁଛି ତାକୁ ଜାଣିବା। ତେଣୁ ସେ ପାଇଁ କିଛି ବୟସର ସୀମା ନାହିଁ। ଜଣେ ଶିଶୁ ଭିତରେ ସେଇ ଉଦ୍‌ବିଗ୍ନତା ଥାଇପାରେ। ଜଣେ ବହୁତ ବୟସ୍କ ଲୋକ ଭିତରେ ମଧ୍ୟ ସେଇଭଳିଆ ଆକାଂକ୍ଷା ନ ଥାଇପାରେ; ସେ ହୁଏତ ଅନ୍ଧ ହୋଇରହିପାରେ ନିଜର ସାମାନ୍ୟ ଜୀବନକୁ ନେଇ; ତେଣୁ ଏସବୁ ଏକାଏକ ଆପେକ୍ଷିକ କଥା। କିନ୍ତୁ ସତ୍ୟ ହେଲା, ପ୍ରତି ମୁହୂର୍ତ୍ତ ହେଉଛି ସତ୍ୟର ସନ୍ଧାନ ପାଇଁ ଉଦ୍ଦିଷ୍ଟ ଏକ ଏକ ସୁଯୋଗ।

**ଆପଣ ଜାଣିଥିବେ 'କାଦମ୍ବିନୀ' ବହୁ ବର୍ଷ ଧରି ଓଡ଼ିଶାରୁ ନିୟମିତ ପ୍ରକାଶ ପାଇ ଆସୁଛି। ପ୍ରତ୍ୟେକ ମାସ 'କାଦମ୍ବିନୀ' ଆପଣଙ୍କ ପାଖରେ ପହଞ୍ଚୁଥାଏ। ଯେବେ ପ୍ରଥମେ ଏହା ପ୍ରକାଶ ପାଇଥିଲା ସେବେ ଆପଣ କହିଥିଲେ ପ୍ରିୟ ନାଁ'ଟେ- 'କାଦମ୍ବିନୀ'। 'କାଦମ୍ବିନୀ' ପାଇଁ ଆପଣଙ୍କର କିଛି ମତାମତ ?**

– 'କାଦମ୍ବିନୀ' ଏକ ସୁନ୍ଦର ପତ୍ରିକା। ବାସ୍ତବ ଅର୍ଥରେ ପାରିବାରିକ ପତ୍ରିକାଟିଏ। କେତେ ପ୍ରକାର ନୂଆନୂଆ ବିଷୟ ଏବଂ ନୂଆ ଯୋଜନା ଅନୁସାରେ ତୁମେ କେତେ ଲୋକଙ୍କୁ ତା'ଭିତରକୁ ନେଇ ଆସିପାରୁଛ। ବିଭିନ୍ନ ବିଷୟ ଉପରେ, ବିଭିନ୍ନ ସମସ୍ୟା ଉପରେ କେତେ ଲୋକଙ୍କର ମତାମତ ସେଥିରେ ପରିବେଷଣ କରିଚାଲିଛ ଏବଂ ତା' ସଙ୍ଗେ ସଙ୍ଗେ ସୃଜନାତ୍ମକ ଲେଖା ତ ନିଶ୍ଚୟ ପରିବେଷିତ ହେଉଛି। ମୋର ମନେହୁଏନା ଆଜି ପର୍ଯ୍ୟନ୍ତ ତୁମେ ଗୋଟାଏ ନିର୍ଦ୍ଦିଷ୍ଟ ସୀମା ଲଘଂନ କରିଚ କି କୌଣସି ପ୍ରକାର ଅଶାଳୀନତା କିମ୍ବା ଅଶ୍ଳୀଳତାକୁ ପ୍ରଶ୍ରୟ ଦେଇଚ। ସେଇଟା କେବେ ବି 'କାଦମ୍ବିନୀ'ରେ ହୋଇନାହିଁ। ସେଥିପାଇଁ ମୁଁ ତମକୁ ଅଭିନନ୍ଦନ ଜଣାଉଛି। ପତ୍ରିକାକୁ ଜନପ୍ରିୟ କରିବା ସଙ୍ଗେ ସଙ୍ଗେ ତା'ର ଯେ ଗୋଟେ ସଂଭ୍ରାନ୍ତ ଚରିତ୍ର ବଜାୟ ରଖା ଯାଇପାରିଛି ସେଥିପାଇଁ ତୁମେ ନିଶ୍ଚିତ ଭାବରେ ଅଭିନନ୍ଦନୀୟ। ମୁଁ ଏହାର ଉତ୍ତରୋତ୍ତର ଉନ୍ନତି କାମନା କରୁଛି। ଭଗବାନ ନିଶ୍ଚୟ ତୁମକୁ ଆହୁରି ଅଧିକ ଜନଶକ୍ତି ଦେବେ। ଦିବ୍ୟଶକ୍ତି ଉପରେ ବିଶ୍ୱାସ ରଖିଲେ ନୂଆ ନୂଆ ପଥ ମଧ୍ୟ ଦିଶିଯିବ। ନୂଆ ନୂଆ ବିଷୟବସ୍ତୁ ମଧ୍ୟ ଆଗକୁ ଆଗକୁ ପରିସ୍ଫୁଟ ହୋଇ ଚାଲିଥିବ। 'କାଦମ୍ବିନୀ' ଦୀର୍ଘଜୀବୀ ହେଉ। ■